# ଭରସା ତୁଟିବା ପରେ ଚରମ ପଦକ୍ଷେପ

ସତ୍ୟଜିତ୍ ରାଉତ
ଭୁବନେଶ୍ୱର,୨୭।୭(ବ୍ୟୁରୋ)

କୌଣସି ଲୋକ ଥାନାରେ ଅଭିଯୋଗ କଲେ, ପୋଲିସ ତାହାକୁ ଗୁରୁତ୍ୱର ସହ ଗ୍ରହଣ କରି ତୁରନ୍ତ ତଦନ୍ତ କରିବା କଥା। ହେଲେ ଅନେକ ଘଟଣାର ତଦନ୍ତରେ ପୋଲିସ ଅବହେଳା କରୁଥିବା ଅଭିଯୋଗ ଆସୁଛି। ଅଭିଯୋଗକାରୀ ବାରମ୍ବାର ଥାନା ଓ ଉପରିସ୍ଥ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇ ନିରାଶରେ ଫେରୁଛନ୍ତି। ଉପରିସ୍ଥ ଅଧିକାରୀ, ନେତାମନ୍ତ୍ରୀଙ୍କ ଭୟ ଓ ଚାପ ଯୋଗୁ ତୃଣମୂଳସ୍ତରରେ ତଦନ୍ତ ବାଟବଣା ହେଉଛି। ଏପରିକି କିଛି ମାମଲାରେ ପୋଲିସ ଅଭିଯୁକ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ବଦଳରେ, ଅଭିଯୋଗକାରୀଙ୍କୁ ଓଲଟା ନିର୍ଯାତନା ଦେଉଛି। ପୋଲିସଠାରୁ ନ୍ୟାୟ ଆଶା ମଉଳିବା ପରେ ଲୋକେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କିମ୍ବା ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେଉଛନ୍ତି। ବିଗତ ଦିନରେ ଅନେକ ଲୋକ ଥାନା ଓ ଏସ୍‌ପି ଅଫିସ ଆଗରେ ଆତ୍ମାହୁତି ଉଦ୍ୟମ କରିଛନ୍ତି। ତେବେ ଗତ ୩ ମାସ ମଧ୍ୟରେ ଏପରି ୪ରୁ ଅଧିକ ଘଟଣା ଘଟିଥିବାବେଳେ ୨ ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ନିକଟରେ ବିଧାନସଭା ଚାଲୁଥିବାବେଳେ ଦୁଇଟି ଘଟଣାରେ ୩ଜଣ ମହିଳା ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏଭଳି ଏକାଧିକ ସମ୍ବେଦନଶୀଳ ଘଟଣା ରାଜ୍ୟ ପୋଲିସର କାର୍ଯ୍ୟଧାରାକୁନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଭଦ୍ରକ ଜିଲା ଟାଉନ ଥାନା ଅନ୍ତର୍ଗତ ଗବସାହିରେ ଗୃହଦାହ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଥିଲା। ମିଥ୍ୟା ଅଭିଯୋଗରେ ପୋଲିସର ଏହି ପଦକ୍ଷେପ ପ୍ରତିବାଦରେ ପରିବାର ପକ୍ଷରୁ ଥାନା ଓ ଏସ୍‌ପି ଅଫିସ ସାମ୍ନାରେ ଧାରଣା ଦିଆଯାଇଥିଲା। ମେ ୧୩ରେ ଏସ୍‌ପି ଅଫିସ ସମ୍ମୁଖରେ ପରିବାର ଲୋକେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରୁଥିବାବେଳେ ପୋଲିସ ଉଦ୍ଧାର କରିଥିଲା। ମେ ୧୪ରେ ଗଞ୍ଜାମ ଏସ୍‌ପି ଅଫିସ ଆଗରେ ରମ୍ଭା ଥାନା ବୋରିଗାଁର ବାଦଲ ସାହୁ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଥିଲେ। ପରେ ତାଙ୍କର ମୃତ୍ୟୁ ହୋଇଥିଲା। ୧୨ ବର୍ଷ ଧରି ତାଙ୍କ ପରିବାରକୁ ଗାଁ ଲୋକେ ବାସନ୍ଦ କରି ରଖିଥିଲେ। ଏନେଇ ସେ ନ୍ୟାୟ ପାଇଁ ବାରମ୍ବାର ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ବରଂ ଗଣ୍ଡଗୋଳ ଅଭିଯୋଗରେ ପୋଲିସ ତାଙ୍କୁ ଗିରଫ କରିଥିଲା। ପରେ ବାଦଲ ଏସ୍‌ପି ଅଫିସ ଆସି ଦିନସାରା ଅପେକ୍ଷା କରିଥିଲେ ସୁଦ୍ଧା ଏସ୍‌ପିଙ୍କୁ ଭେଟି ନ ପାରି ଶେଷରେ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଇଥିଲେ। ଅନ୍ୟଏକ ଘଟଣାକ୍ରମରେ ଜଣେ ଅପହୃତା ନାବାଳିକା ଝିଅକୁ ଉଦ୍ଧାର ପାଇଁ ମା' କେନ୍ଦୁଝର ଟାଉନ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଗୁରୁତ୍ୱ ଦେଇ ନ ଥିଲା। ପୋଲିସ କାର୍ଯ୍ୟାନୁଷ୍ଠାନରେ ଅସନ୍ତୁଷ୍ଟ ହୋଇ ଶେଷରେ ମହିଳା ଜଣକ ଜୁନ ୧୭ରେ ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ କିରୋସିନ ଢାଳିହୋଇ ଆତ୍ମାହୁତି ଉଦ୍ୟମ କରୁଥିବା ବେଳେ ପୋଲିସ ତାଙ୍କୁ ଉଦ୍ଧାର କରିଥିଲା। ୪ ସପ୍ତାହ ତଳେ ପୋଲିସ ଅବହେଳାରୁ କଟକ ଜିଲା କିଶନନଗର ଥାନା ଅଞ୍ଚଳର ଗୁଣନିଧି ବିଶୋୟୀଙ୍କ ଜୀବନ ଚାଲିଯାଇଥିଲା। ଜମିବାଡ଼ି ବିବାଦରେ ଅତିଷ୍ଠ ଗୁଣନିଧି ନ୍ୟାୟ ଆଶାରେ ପୋଲିସ ପାଖକୁ ଯାଇଥିଲେ ବି କେହି ତାଙ୍କ କଥା ଶୁଣି ନ ଥିଲେ। ପୋଲିସ ଉପରୁ ଭରସା ତୁଟିବା ପରେ ନ୍ୟାୟ ପାଇବା ଆଶା ହରାଇ ଜୁନ ୨୩ରେ ଥାନା ପରିସରରେ ନିଜ ଶରୀରରେ କିରୋସିନ ଢାଳି ନିଆଁ ଲଗାଇଦେଇଥିଲେ। ଏହା ପରଦିନ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

ଅନ୍ୟପକ୍ଷରେ ନ୍ୟାୟ ନ ମିଳିବାରୁ ବିଧାନସଭାମୁହାଁ ହେଉଛନ୍ତି ଅଭିଯୋଗକାରୀ। ଶ୍ୱଶୁର ଘର ଲୋକ ନିର୍ଯାତନା ଦେବା ଘଟଣାରେ ବାଲେଶ୍ୱର ଜିଲା ସିଂଲା ପୋଲିସଠାରୁ ନ୍ୟାୟ ନ ପାଇ ମା' ଓ ଝିଅ ଜୁଲାଇ ୧୫ରେ ବିଧାନସଭା ସମ୍ମୁଖରେ କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ସେହିପରି ଗତ ୧୮ ତାରିଖରେ ଅନୁଗୋଳର ଜଣେ ମହିଳା ଥାନାରୁ ନ୍ୟାୟ ନ ପାଇ ଆତ୍ମହତ୍ୟା କରିବାକୁ ବିଧାନସଭା ପରିସରକୁ ପ୍ରବେଶ କଲାବେଳେ ପୋଲିସ ତାଙ୍କୁ ଉଦ୍ଧାର କରିଥିଲା। ତେବେ ପ୍ରାୟତଃ ଥାନାକୁ ଆସୁଥିବା ସାଧାରଣ ଲୋକ ପୋଲିସର ଦୁର୍ବ୍ୟବହାର, ନାଲିଆଖି, ପାତରଅନ୍ତରର ଶିକାର ହେଉଛନ୍ତି। ପୋଲିସର ଆଭିମୁଖ୍ୟ ଓ ବ୍ୟବହାରରେ ପରିବର୍ତ୍ତନ ଆସୁ ନ ଥିବାରୁ ଏଭଳି ଘଟଣା ବଢ଼ି ଚାଲିଛି।




ବିଧାନସଭା ସମ୍ମୁଖରୁ ମା' ଝିଅ ଓ କିଶନନଗର ଥାନା ପରିସରରେ ଦେହରେ ନିଆଁ ଲଗାଇଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଉଛି। (ଫାଇଲ ଫଟୋ)

## ଆତ୍ମାହୁତି ବିକଳ୍ପ ନୁହେଁ

ଭୁଲ୍ ବୁଝାମଣାର ବଶବର୍ତ୍ତୀ, ଅତ୍ୟଧିକ ଭାବପ୍ରବଣତା ଓ ମାନସିକ ଦୁର୍ବଳତାରୁ ଆତ୍ମହତ୍ୟା ବା ଆତ୍ମାହୁତି ଭଳି ଘଟଣା ଦେଖାଯାଉଛି। ଯେତେବେଳେ ଥାନା ସ୍ତରରେ ପୋଲିସ ଅବହେଳା କରୁଛି, ସେଭଳି ସ୍ଥିତିରେ ଜଣେ ଅଭିଯୋଗକାରୀ ପୋଲିସ ବିଭାଗର ଉପରିସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିପାରନ୍ତେ, କୋର୍ଟଙ୍କ ଦ୍ୱାରସ୍ଥ ହୋଇପାରନ୍ତେ ଏବଂ ସରକାରଙ୍କୁ ମଧ୍ୟ ଦରଖାସ୍ତ କରିପାରନ୍ତେ। କେବଳ ଆତ୍ମହତ୍ୟା ଏହାର ବିକଳ୍ପ ନୁହେଁ। ଏସବୁ ଘଟଣା ପାଇଁ ଆମେ ଦୁଃଖିତ। ଏହାକୁ କିଭଳି ଭାବେ ବନ୍ଦ କରାଯାଇପାରିବ ସେନେଇ ବିଚାର କରି ଦେଖିବାକୁ ପଡ଼ିବ। ଅନ୍ୟପକ୍ଷରେ ଥାନାଗୁଡ଼ିକରେ ପୋଲିସ ଅଧିକାରୀଙ୍କ ଅଭାବ ରହୁଛି। ତେଣୁ ପୋଲିସ କେତେକ ଘଟଣାରେ ଉପଯୁକ୍ତ ଦୃଷ୍ଟି ମଧ୍ୟ ଦେଇପାରୁନାହିଁ।



**-ବିପିନ ବିହାରୀ ମିଶ୍ର, ଅବସରପ୍ରାପ୍ତ ପୋଲିସ ଡିଜି**

## ଅପରାଧ ସମୀକ୍ଷା ବୈଠକକୁ ନିୟମିତ କରାଯାଉ

ଧର୍ତ୍ତବ୍ୟ ଅପରାଧ ହୋଇ ନ ଥିଲେ ନିୟମ ଅନୁଯାୟୀ ୨ମାସ ମଧ୍ୟରେ ତଦନ୍ତ କରି କୋର୍ଟରେ ଚାର୍ଜସିଟ୍ କରିବ ପୋଲିସ। ଯଦି ଧର୍ତ୍ତବ୍ୟ ଅପରାଧ, ତେବେ ଅତି ବେଶିରେ ୩ମାସ ମଧ୍ୟରେ ଚାର୍ଜଶିଟ୍ ଦେବା କଥା। କିନ୍ତୁ ଅନେକ ମାମଲାରେ ପୋଲିସ ପକ୍ଷରୁ ଚାର୍ଜଶିଟ୍ ଦାଖଲ କରାଯାଉନାହିଁ। ଅପରପକ୍ଷର ଲୋକଙ୍କ ରାଜନୈତିକ ଚାପ କିମ୍ବା ଅର୍ଥଲୋଭର ବଶବର୍ତ୍ତୀ ହୋଇ ପୋଲିସ ତଦନ୍ତରେ ଅବହେଳା କରୁଛି। ତେଣୁ ସାଧାରଣ ଲୋକଟିଏ ଏଭଳି ଚରମ ପଦକ୍ଷେପ ନେବାକୁ ବାଧ୍ୟ ହେଉଛି। ପୋଲିସ ବିଭାଗକୁ 'ମୋ ସରକାର'ରେ ଅନ୍ତର୍ଭୁକ୍ତ କରାଯାଇଥିଲେ ମଧ୍ୟ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ଏଭଳି ଘଟଣାକୁ କମାଇବାକୁ ପୋଲିସର ଅପରାଧ ସମୀକ୍ଷା ବୈଠକକୁ ନିୟମିତ କରାଯିବା ସହ ଥାନାକୁ ଆସୁଥିବା ଅଭିଯୋଗଗୁଡ଼ିକର ତ୍ୱରିତ ପଦକ୍ଷେପ ନେବା ଜରୁରୀ।



**-ହିମାଂଶୁ ସେଖର ନାୟକ, ମାନବାଧିକାର କର୍ମୀ**

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଲକ୍ଷ୍ମୀଧର


@ ଜିତୁ


@ କାର୍ତ୍ତିକ


@ ଶୈଳେନ


@ ପ୍ରିୟରଞ୍ଜନ

# ଲୁଣା ଜଙ୍ଗଲ ସୁରକ୍ଷା ପାଇଁ ମିଳିତ ପ୍ରୟାସ ଲୋଡ଼ା

କୋଣାର୍କ,୨୭।୭(ଡି.ଏନ୍.ଏ.)

ଉପକୂଳ ଓଡ଼ିଶାର ସୁରକ୍ଷା କବଚ ହେଉଛି ଲୁଣା ଜଙ୍ଗଲ। ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ଦେଉଥିବା ଏହି ହେନ୍ତାଳ ବନର ସୁରକ୍ଷା ପାଇଁ ଅସ୍ତରଙ୍ଗ ଅଞ୍ଚଳର ୨୨ଟି ଉଚ୍ଚ ବିଦ୍ୟାଳୟ ଓ ୪୧ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଶପଥ ନେଇଛନ୍ତି। ମଙ୍ଗଳବାର ଆନ୍ତର୍ଜାତିକ ଲୁଣା ଜଙ୍ଗଲ(ହେନ୍ତାଳ) ସୁରକ୍ଷା ଦିବସ ଅବସରରେ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ, ଇକୋ କ୍ଲବ, ବ୍ଲକ ଶିକ୍ଷା ବିଭାଗ, ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଓ ଓଡ଼ିଶା ପରିବେଶ ସମିତିର ମିଳିତ ପ୍ରୟାସରେ ମା' ବାଶୁଳେଇ ବିଦ୍ୟାପୀଠରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥିମାନେ ଲୁଣା ଜଙ୍ଗଲର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପୁରୀ ବନ୍ୟପ୍ରାଣୀ ବନଖଣ୍ଡର ମୁଖ୍ୟ ପି.ରାମସ୍ୱାମୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦୁର୍ଲଭ ଲୁଣା ଜଙ୍ଗଲ ପାଇଁ ରାଜ୍ୟରେ ଅସ୍ତରଙ୍ଗର ସ୍ୱତନ୍ତ୍ରତା ରହିଛି। ଦେବୀ ନଦୀ ମୁହାଣଠାରୁ ଆରମ୍ଭ କରି କାଦୁଆ ଓ କେଲୁଣୀ ମୁହାଣ ପର୍ଯ୍ୟନ୍ତ ଶୋଭା ବର୍ଦ୍ଧନ କରି ଆସୁଥିବା ଏହି ଜୈବ ସମ୍ପଦ ପ୍ରାକୃତିକ ଦୁର୍ବିପାକରୁ ଆମ ଉପକୂଳବାସୀଙ୍କୁ ସୁରକ୍ଷା ଦେଇଆସୁଛି। ତେଣୁ ଏହାର ସୁରକ୍ଷା ପାଇଁ ସମସ୍ତେ ମିଳିତ ପ୍ରୟାସ କରିବା ଜରୁରୀ ବୋଲି ରାମସ୍ୱାମୀ କହିଥିଲେ। ଓଡିଶା ପରିବେଶ ସମିତି ସମ୍ପାଦକ ପ୍ରଫେସର ଜୟକୃଷ୍ଣ ପାଣିଗ୍ରାହୀ କହିଥିଲେ, ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଛୁରିଆନା ଗ୍ରାମ ଅନ୍ତର୍ଗତ ସହନ, କଣମଣ ବ୍ରିଜ ଛକ, ସୁନ୍ଦର, କୋରଣା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଛେଳିଗୁହାଳି ଓ ଶିଶୁଓ ପଞ୍ଚାୟତ ଅନ୍ତର୍ଗତ କେଉଟାଜଙ୍ଗା, ବେଳଙ୍ଗ, କରାଳ, ନଟରା ଆଦି ବିଭିନ୍ନ ନଦୀ ସଂଲଗ୍ନ ଗ୍ରାମର ଲୋକମାନେ ଲୁଣା ଜଙ୍ଗଲ କାଟି ଧ୍ୱଂସ କରିବାରେ ଲାଗିଛନ୍ତି। ଏଥିସହିତ ଲୋକମାନେ ପ୍ରତି ମାସରେ ହଜାର ହଜାର କିଲୋ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ନଦୀରେ ଫିଙ୍ଗିବା ଦାରା ସାମୁଦ୍ରିକ ପରିସଂସ୍ଥା, ନଦୀ ପରିସଂସ୍ଥା, ଆଦ୍ର ଭୂମି ପରିସଂସ୍ଥା ସାଙ୍ଘାତିକ ବିଷାକ୍ତ ହେବାରେ ଲାଗିଛି, ଯାହାକି ହଜାର ହଜାର ଜୀବଜନ୍ତୁଙ୍କ ମୃତ୍ୟୁର କାରଣ ସାଜୁଛି ବୋଲି କହିଥିଲେ। ଉପସ୍ଥିତ ଅନ୍ୟଅତିଥିମାନେ ପରିବେଶ ସନ୍ତୁଳନ ପାଇଁ ଲୁଣା ଜଙ୍ଗଲର ସୁରକ୍ଷା ଉପରେ ମତ ଦେଇଥିଲେ। ଶେଷରେ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଜିତେନ୍ଦ୍ର କୁମାର ସ୍ୱାଇଁ, ରାଜ୍ୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରପ୍ରାପ୍ତ ବିଚିତ୍ରା ନନ୍ଦ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୩ ଦଫା ଦାବିପତ୍ର ବନଖଣ୍ଡ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା ।



ହେନ୍ତାଳ ବନର ସୁରକ୍ଷା ପାଇଁ ଅତିଥି ଓ ଅନ୍ୟମାନେ ଶପଥ ନେଉଛନ୍ତି।

**ଶପଥ ନେଲେ ୫ହଜାର ଛାତ୍ରୀଛାତ୍ର**

## କୋଟିଏ ଟଙ୍କାର ବ୍ରାଉନସୁଗାର ଜବତ

ଭୁବନେଶ୍ୱର,୨୭।୭(ବ୍ୟୁରୋ)

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବାଲେଶ୍ୱର ସହଦେବଖୁଣ୍ଟା ଆରଡ଼ ବଜାରରେ ଚଢାଉ କରି ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଧରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ଶେକ୍ ମେଜ। ତାଙ୍କ ନିକଟରୁ ୧ କେଜି ୫୦ ଗ୍ରାମର ବ୍ରାଉନସୁଗାର ଓ ନଗଦ ୨୮ ହଜାର ୧୦୦ ଟଙ୍କା ଜବତ ହୋଇଛି । ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୧ କୋଟିରୁ ଅଧିକ ଟଙ୍କା ହେବ ବୋଲି ଏସଟିଏଫ ଡିଆଇଜି ଜୟ ନାରାୟଣ ପଙ୍କଜ ସୂଚନା ଦେଇଛନ୍ତି। ଏଥିସହ ଏସ୍‌ଟିଏଫ୍ ଏକ ମା'ମଲା(ନଂ.୧୭/୨୨) ରୁଜୁ କରି ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ମେଜୁ ପଶ୍ଚିମବଙ୍ଗରୁ ବ୍ରାଉନ୍‌ସୁଗାର କିଣି ବାଲେଶ୍ୱର ସମେତ ଭୁବନେଶ୍ୱର, ଖୋର୍ଦ୍ଧାରେ ବେପାର କରନ୍ତି। ଭୁବନେଶ୍ୱରରୁ ଗିରଫ ହୋଇଥିବା ଜଣେ ବ୍ରାଉନ୍‌ସୁଗାର ବେପାରୀଙ୍କୁ ପଚରାଉଚରାବେଳେ ମେଜୁ ସମ୍ପର୍କରେ ସୂଚନା ମିଳିଥିଲା। ମଙ୍ଗଳବାର ରାତିରେ ଆରଡ଼ ବଜାର ରେଳ ଲେଭଲ୍ କ୍ରସିଂ ନିକଟରେ ମେଜୁ ଗ୍ରାହକଙ୍କୁ ଅପେକ୍ଷା କରି ଅପେକ୍ଷା କରିଥିବା ବେଳେ ଧରାପଡିଥିଲେ।

## ଦୁର୍ଘଟଣାରେ ଜଣେ ମୃତ, ୪ ଗୁରୁତର

ଡେଲାଙ୍ଗ,୨୭।୭(ଡି.ଏନ୍.ଏ.)

ଡେଲାଙ୍ଗ-କଣାସ ରାସ୍ତାର କଲ୍ୟାଣପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ପିପିଲି ନୂଆସାହିର ରଥ ବେହେରା (୨୬)। ଆହତମାନେ ହେଲେ ପିପିଲିର ବାଞ୍ଛା ବେହେରା(୩୫), ନିମାପଡାର ଶିବାନନ୍ଦ ବେହେରା(୩୫), ଘୋରଡିଆ ଗ୍ରାମର ଅବଦୁଲ ଅଞ୍ଜୁମଖାନ୍(୨୬), ଟି.ଖାନ୍ (୩୦)। ସେମାନଙ୍କୁ ପ୍ରଥମେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ସନ୍ଧ୍ୟାରେ ଏକ ବାଇକ୍‌ରେ ରଥ, ବାଞ୍ଛା ଏବଂ ଶିବାନନ୍ଦ ଡେଲାଙ୍ଗରୁ କଣାସକୁ ଯାଉଥିଲେ। ବିପରୀତ ଦିଗରୁ ୨ଜଣ ଆସି ସେମାନଙ୍କୁ ଧକ୍କା ଦେଇଥିଲେ। ସ୍ଥାନୀୟ କଲ୍ୟାଣପୁର ଗ୍ରାମର ଲୋକେ ଆହତଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଖବରପାଇ ଡେଲାଙ୍ଗ ଫାଣ୍ଡି ଅଧିକାରୀ ଧନପତି ପିଙ୍ଗ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ରାସ୍ତା ପାର୍ଶ୍ୱ ନାଳରୁ ମୃତଦେହକୁ ପୋଲିସ ଜବତ କରିଥିଲା।


ଡାକ୍ତରଖାନାରେ ଚିକିତ୍ସାଧୀନ ଜଣେ ଆହତ।


ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ସିନେ ଗବେଷକ ସୂର୍ଯ୍ୟ ଦେଓଙ୍କୁ ବୁଧବାର ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜୟ ଦାଶ ବର୍ମା, ପ୍ରଯୋଜକ ସବ୍ୟସାଚୀ ମହାପାତ୍ର ଓ ଶାନ୍ତନୁ ରଥ ସମ୍ବର୍ଦ୍ଧିତ କରୁଛନ୍ତି।


ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ଦେଶର ୧୫ତମ ରାଷ୍ଟ୍ରପତି ହେବା ଖୁସିରେ ବୁଧବାର ଭୁବନେଶ୍ୱର ୟୁନିଟ୍-୨ ବାଳିକା ଉଚ୍ଚ ବିଦ୍ୟାଳୟରେ ଶିକ୍ଷୟିତ୍ରୀ, ଅଭିଭାବକମାନେ ନାଚୁଛନ୍ତି।


ପୁରୀ: ଦର୍ପଦଳନ ରଥ ଭଙ୍ଗା ଯିବା ପରେ ଚକଗୁଡ଼ିକୁ ସଂରକ୍ଷଣ ପାଇଁ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଖାଯାଇଛି।



ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଯୁକ୍ତ ଦୁଇ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ପୁସ୍ତିକାକୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉନ୍ମୋଚନ କରୁଛନ୍ତି। ନିକଟରେ ଅଛନ୍ତି ଶିକ୍ଷା ସଚିବ ବିଷ୍ଣୁପଦ ସେଠୀ ଓ ଅନ୍ୟ ଅଧିକାରୀ।

**ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ**

# ଉତ୍ସାହିତ ଛାତ୍ରୀଛାତ୍ର

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। କରୋନା ପାଇଁ ଗତବର୍ଷ ବିନା ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ ଫଳ ବାହାରିଥିଲା। କିନ୍ତୁ ଏଥର ଅଫ୍‌ଲାଇନରେ ପରୀକ୍ଷା କରାଯାଇଥିଲା। ଏକାଦଶ ପାଠପଢ଼ା ବାଧାପ୍ରାପ୍ତ ହୋଇଥିବାବେଳେ ଦ୍ୱାଦଶରେ ଛାତ୍ରୀଛାତ୍ରମାନେ ଅଧିକ ପରିଶ୍ରମ କରିଥିଲେ। ତେଣୁ ଫଳାଫଳ କ'ଣ ହେବ ସେନେଇ ଆଶଙ୍କା ଭିତରେ ରହିଥିଲେ। ତେବେ ଫଳ ବାହାରିବା ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏବେ ଭିନ୍ନ ଉତ୍ସାହ ଦେଖିବାକୁ ମିଳିଛି। ଆଉ କେତେଜଣ ଫଳକୁ ନେଇ ସନ୍ତୁଷ୍ଟ ନ ଥିବା କହିଛନ୍ତି।

### ଆଶାଠାରୁ ବେଶି ମାର୍କ ମିଳିଛି



ଯେତିକି ଆଶା କରିଥିଲି, ତା' ଠାରୁ ବେଶି ମାର୍କ ଆସିଛି। ୬ଶହ ମାର୍କରୁ ୫୭୯ (୯୬.୫%) ରହିଛି। ଗଣିତ ଓ ଫିଜିକ୍ସରେ ୧୦୦ରୁ ୧୦୦ ନମ୍ବର ଆସିଛି। ଭଗବାନଙ୍କ ଆଶୀର୍ବାଦ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ମା'ବାପାଙ୍କ ପ୍ରେରଣା ମୋତେ ଏହି ସଫଳତା ଦେଇଛି। କରୋନା ପରେ ଅଫ୍‌ଲାଇନ୍‌ରେ ପରୀକ୍ଷା ଦେବାକୁ ନେଇ ଟିକେ ଚିନ୍ତିତ ଥିଲି। ମାତ୍ର ଶିକ୍ଷକଙ୍କ ସହଯୋଗରୁ ଏହା ସହଜ ହୋଇଥିଲା। ଆଗକୁ ସିଭିଲ ସର୍ଭିସ ପାଇଁ ପ୍ରସ୍ତୁତ ହେବି।

**- ତମନ୍ନା ପଣ୍ଡା, ବିଜ୍ଞାନ ଛାତ୍ରୀ,ଭୁବନେଶ୍ୱର**

### ଡାକ୍ତର ହେବାକୁ ଇଚ୍ଛା



କରୋନା ପାଇଁ ଏକାଦଶରେ ଆମେ ଭଲରେ ପଢ଼ି ପାରି ନ ଥିଲୁ। ତେଣୁ ଦ୍ୱାଦଶରେ ସବୁକିଛି ମ୍ୟାନେଜ କରିବା ଟିକେ କଷ୍ଟକର ହୋଇଥିଲା। ମାତ୍ର ସମସ୍ତଙ୍କ ଆଶୀର୍ବାଦ କାରଣରୁ ସଫଳତା ମିଳିଛି। ୯୩% ଥିବାରୁ ମୋ ପରିବାର ଖୁସି ଅଛନ୍ତି। ଆଗକୁ ଜଣେ ଭଲ ଡାକ୍ତର ହେବାକୁ ଇଚ୍ଛା ଅଛି। ମୋ ସଫଳତା ଶ୍ରେୟ ମା' ବାପାଙ୍କ ସହ ଟ୍ୟୁଶନ ସାର୍ ଏବଂ ସହପାଠୀଙ୍କୁ ଦେବାକୁ ଚାହିଁବି।

**- ମଧୁଶ୍ରୀ ଭୂୟାଁ, ବିଜ୍ଞାନ ଛାତ୍ରୀ, ଭୁବନେଶ୍ୱର**

### ଆଶା ଅନୁଯାୟୀ ଫଳ ମିଳିଲାନି



ପରୀକ୍ଷାରେ ଯେଉଁଭଳି ଫଳ ମିଳିବ ବୋଲି ଆଶା କରିଥିଲି ସେଭଳି ମିଳିଲା ନାହିଁ। ମୋଟ୍ ୩୬୦ ନମ୍ବର ରହିଛି। ଅନ୍ୟସବୁ ବିଷୟରେ ଭଲ ମାର୍କ ମିଳିଛି। କିନ୍ତୁ ଫିଜିକ୍ସ ଓ କେମେଷ୍ଟ୍ରିରେ ମାର୍କ କମିଯାଇଥିବାରୁ ଟିକେ ମନ ଦୁଃଖ ଅଛି। ତେବେ ଆଗକୁ ଆହୁରି ମନଦେଇ ପାଠ ପଢ଼ିବି ଏବଂ ମା' ବାପାଙ୍କ ଆଶା ପୂରଣ କରିବି।

**- ସତ୍ୟାନନ୍ଦ ସାହୁ, ବିଜ୍ଞାନ ଛାତ୍ର, ଭୁବନେଶ୍ୱର**

### ଭେଟେରିନାରି ସାଇନ୍ସରେ କ୍ୟାରିୟର କରିବି



ମୁଁ ୮୮ ପ୍ରତିଶତ ନମ୍ବର ରଖିଛି। ଆହୁରି ଅଧିକ ରହିବ ବୋଲି ଆଶା କରୁଥିଲି। ମାତ୍ର ଇଂଲିଶରେ ମୋର ନମ୍ବର କମି ଯାଇଛି। ତେବେ ରି ଚେକିଂ ପାଇଁ ଆବେଦନ ନ କରି ଯେତିକି ନମ୍ବର ମିଳିଛି ସେତିକିରେ ସନ୍ତୁଷ୍ଟ ହେବାକୁ ଚେଷ୍ଟା କରୁଛି। ଆଗକୁ ଆନିମଲ ହଜ୍‌ବେଣ୍ଡାରି ଆଣ୍ଡ୍ ଭେଟେରିନାରି ସାଇନ୍ସରେ କ୍ୟାରିୟର କରିବାକୁ ଇଚ୍ଛା ଅଛି।

**- ଜେ.ପି. ଅମୃତୋଷ ସାହୁ, ବିଜ୍ଞାନ ଛାତ୍ର, ଯାଜପୁର**

### ପରିଶ୍ରମ ଅନୁଯାୟୀ ଫଳ ମିଳିଛି



ଏଥର ପରୀକ୍ଷା ବହୁତ ଭଲ ହୋଇଥିଲା। ଯେମିତି ପରିଶ୍ରମ କରିଥିଲି, ସେମିତି ଫଳ ମିଳିଛି। ସବୁ ବିଷୟରେ ଭଲ ନମ୍ବର ଆସିଛି। ଏଥିପାଇଁ ମୁଁ ଏବଂ ମୋ ପରିବାର ବହୁତ ଖୁସି। ମା' ବାପା ଓ ଶିକ୍ଷକମାନଙ୍କର ଶିକ୍ଷା, ଆଶୀର୍ବାଦ ଏବଂ ସହପାଠୀଙ୍କ ଭଲପାଇବା ମତେ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲା। ଆଗକୁ ଫାର୍ମାସୀ ନ ହେଲେ ବିଏସ୍‌ସି ପଢ଼ିବି।

**- ଜିଜ୍ଞାସୁ ମହାନ୍ତି, ଛାତ୍ର, ବିଜ୍ଞାନ ଛାତ୍ର, ଭୁବନେଶ୍ୱର**

### ରେଜଲ୍ଟ ଠିକ୍ ଅଛି



ପରୀକ୍ଷା ଭଲ ହୋଇଥିଲା। ରେଜଲ୍ଟ ମଧ୍ୟ ଠିକ୍ ଅଛି। ୭୪.୫ ପ୍ରତିଶତ ନମ୍ବର ଆଣିଛି। କରୋନା ପାଇଁ ଗତବର୍ଷ ଭଲଭାବେ ପାଠ ପଢ଼ା ହୋଇ ପାରି ନ ଥିଲା, ଯାହାର ପ୍ରଭାବ ଏଥର ପରୀକ୍ଷାରେ ପଡ଼ିଲା। ତଥାପି ମୁଁ ଏଥିରେ ଖୁସି ଅଛି। ଆଗକୁ ବି.ଏସ୍‌ସି କରିବାକୁ ଭାବିଛି। ସେଥିରେ ଭଲ ରେଜଲ୍ଟ କରିବାର ଅଛି, ତେଣୁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେବି।

**- ଆଶୀର୍ବାଦ ତ୍ରିପାଠୀ, ବିଜ୍ଞାନ ଛାତ୍ର, ଭୁବନେଶ୍ୱର**

### ଇଞ୍ଜିନିୟରିଂ ପଢ଼ିବାକୁ ଲକ୍ଷ୍ୟ



ମୋର ୯୪.୩ ପ୍ରତିଶତ ମାର୍କ ରହିଛି। ଏଥିପାଇଁ ଦିନକୁ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରୁଥିଲି। ଆଶାନୁଯାୟୀ ମାର୍କ ରଖିଥିବାରୁ ମୁଁ ବହୁତ ଖୁସି। ମା' ବାପା ଏବଂ କଲେଜ ଅଧ୍ୟାପକଙ୍କୁ ମୋ ସଫଳତାର ଶ୍ରେୟ ଦେବି। ଭବିଷ୍ୟତରେ ଇଞ୍ଜିନିୟରିଂ ପଢ଼ିବାର ଲକ୍ଷ୍ୟ ରଖିଛି। ସ୍ୱପ୍ନ ସାକାର ପାଇଁ କଠିନ ପରିଶ୍ରମ ହିଁ ଏକମାତ୍ର ମାଧ୍ୟମ।

**- ସବ୍ୟସାଚୀ ପରିଡ଼ା, ବିଜ୍ଞାନ ଛାତ୍ର, ସରସ୍ୱତୀ କଲେଜ, କଟକ**

### ପ୍ରତି କ୍ଷେତ୍ରରେ ମା', ବାପାଙ୍କୁ ଗର୍ବିତ କରିବାକୁ ଇଚ୍ଛା



ମିଳିଥିବା ମାର୍କରେ ମୁଁ ଖୁସି। ତେବେ ଅଧିକ ମାର୍କ ଆଶା ପାଇବାକୁ ଆଶା ରଖିଥିଲି। ବର୍ତ୍ତମାନ ଭବିଷ୍ୟତକୁ ଗୁରୁତ୍ୱର ସହକାରେ ନେଇ ପ୍ରସ୍ତୁତି ଆରମ୍ଭ କରିବି, ଯେପରି ଆଗକୁ ଆହୁରି ଅଧିକ ମାର୍କ ରଖିବି। ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇ ମା', ବାପାଙ୍କୁ ଗର୍ବିତ କରିବାର ଇଚ୍ଛା ରଖିଛି।

**- ପ୍ରିୟମ ନାୟକ, ବାଣିଜ୍ୟ ଛାତ୍ର, ଖ୍ରୀଷ୍ଟ କଲେଜ, କଟକ**

### ଡାକ୍ତର ହେବାକୁ ଲକ୍ଷ୍ୟ



ମୋଟ ୬୦୦ରୁ ୫୪୮ ନମ୍ବର ଅର୍ଥାତ ୯୧ ପ୍ରତିଶତରୁ ଅଧିକ ମାର୍କ ରହିଛି। ଗଣିତରେ ୧୦୦ରୁ ୧୦୦ ନମ୍ବର ରଖିଛି। ଶିକ୍ଷୟିତ୍ରୀ ଶିକ୍ଷକ, ପରିବାର ଏବଂ ଟ୍ୟୁଶନ ଶିକ୍ଷକମାନଙ୍କ ତତ୍ତ୍ୱାବଧାନରେ ଏହି ସଫଳତା ପାଇଛି। ବିଶେଷକରି ବଡ଼ଭାଇ ଓ ଭଉଣୀଙ୍କ ସହଯୋଗ ରହିଥିଲା। ଦିନକୁ ୧୦ ଘଣ୍ଟା ପଢୁଥିଲି। ଭବିଷ୍ୟତରେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି।

**- ତନ୍ମୟ ପୃଷ୍ଟି, ବିଜ୍ଞାନ ଛାତ୍ର, ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ପୁରୀ**

### ସଫ୍ଟୱେୟର ଇଞ୍ଜିନିୟର ହେବାକୁ ଆଶା



କୋଭିଡ୍ ମହାମାରୀ ବେଳେ ମହାବିଦ୍ୟାଳୟ ବନ୍ଦ ରହିଥିଲା, ଫଳରେ ଅନ୍‌ଲାଇନରେ ପାଠ ପଢ଼ିଥିଲୁ। କରୋନା କଟକଣା ହଟିବା ପରେ ଅଫ୍‌ଲାଇନରେ ଯେଉଁ ପାଠପଢ଼ା ହୋଇଥିଲା ତାହା ବହୁତ ସାହାଯ୍ୟ କରିଥିଲା। ମୋଟ ୬୦୦ରୁ ମୋର ୫୪୭ ମାର୍କ ରହିଛି। ଏହାଠାରୁ ଅଧିକ ମାର୍କ ରହିବ ବୋଲି ଆଶା କରିଥିଲି, କିନ୍ତୁ ନିରାଶ ହୋଇଛି। ତଥାପି ବିନା ଟ୍ୟୁଶନରେ ମହାବିଦ୍ୟାଳୟର ଗୁରୁମା, ଗୁରୁଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଫଳତା ପାଇ ପାରିଛି। ଭବିଷ୍ୟତରେ ସଫ୍ଟୱେୟର ଇଞ୍ଜିନିୟର ହେବାକୁ ଆଶା ରଖିଛି।

**- ଅର୍ପିତା ମହାପାତ୍ର, ବିଜ୍ଞାନ ଛାତ୍ରୀ, ସରସ୍ୱତୀ ଜ୍ଞାନ ମନ୍ଦିର, ଘୋଡ଼ା ବଜାର, ପୁରୀ**

### ଶିକ୍ଷକ, ପରିବାର ପାଇଁ ସଫଳତା ପାଇଛି



ପ୍ରତିଦିନ କଲେଜରେ ଦିଆଯାଉଥିବା ପାଠକୁ ରିଭିଜନ୍ କରିବା ସହ ଅନ୍ୟ ପାଠ ପଢୁଥିଲି। ପରୀକ୍ଷା ଲାଗି କଠିନ ପରିଶ୍ରମ କରିଥିଲି। ୮୯ ପ୍ରତିଶତ ମାର୍କ ରଖିଛି। ତେବେ ଭାଷା ପେପରରେ ମାର୍କ କମିଗଲା। ମୋ' ସଫଳତା ପାଇଁ ଶିକ୍ଷୟିତ୍ରୀ ଶିକ୍ଷକ ଓ ପରିବାର ଲୋକଙ୍କୁ ଶ୍ରେୟ ଦେବି। ଏବେ ଜେଇଇ ନିମନ୍ତେ ପ୍ରସ୍ତୁତି କରୁଛି।

**- ଇପ୍‌ସିତା ପୃଷ୍ଟି, ବିଜ୍ଞାନ ଛାତ୍ରୀ, ସରସ୍ୱତୀ ଜ୍ଞାନ ମନ୍ଦିର, ଘୋଡ଼ା ବଜାର, ପୁରୀ**

# କିସ୍‌ର ଶତ ପ୍ରତିଶତ, ମୀନାକ୍ଷୀ ସ୍କୁଲ ଟପ୍ପର

**ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ**

**ଭୁବନେଶ୍ୱର, ୨୭।୭(ବ୍ୟୁରୋ)**

ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ କିସ୍‌ର ଛାତ୍ରୀଛାତ୍ରମାନେ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ବାଣିଜ୍ୟରେ ୬୦% ଏବଂ ବିଜ୍ଞାନରେ ୫୫% ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କନ୍ଧମାଳର ଝିଅ ମୀନାକ୍ଷୀ ମଲ୍ଲିକ ବିଜ୍ଞାନରେ ସର୍ବାଧିକ ୮୮% ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସେହିପରି ବାଣିଜ୍ୟରେ ପୀତବାସ ଟିଆକା ୮୦% ନମ୍ବର ରଖିଛନ୍ତି। ଚଳିତବର୍ଷ କିସ୍‌ରେ ବିଜ୍ଞାନରେ ୩୧ ଆଦିମ ଜନଜାତି ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେଥିରୁ ୧୮ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। ସେହିପରି ବାଣିଜ୍ୟରେ ୧୮ ଆଦିମ ଜନଜାତି ପିଲା ପରୀକ୍ଷା ଦେଇଥିବାବେଳେ ୧୧ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

ସୂଚନାଯୋଗ୍ୟ, ମୀନାକ୍ଷୀ ମାଟ୍ରିକ୍ ପରୀକ୍ଷାରେ ୯୨% ନମ୍ବର ରଖି କନ୍ଧମାଳ ଜିଲା ଟପ୍ପର ହୋଇଥିଲେ। ବାଲିଗୁଡ଼ାର ଏକ ଗରିବ ପରିବାରରୁ ଆସିଥିବା ମୀନାକ୍ଷୀଙ୍କ ଜ୍ଞାନ ଓ ପ୍ରତିଭା ଦେଖି ଜିଲାର ବୁଦ୍ଧିଜୀବୀ ଓ ଜିଲା ପ୍ରଶାସନ ତାଙ୍କୁ କିସ୍‌ରେ ପଢ଼ାଇବା ସହ ଉଚ୍ଚଶିକ୍ଷା ପ୍ରଦାନରେ ସହଯୋଗ କରିବା ପାଇଁ କନ୍ଧମାଳ ଏମ୍‌ପି ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଅନୁରୋଧ କରିଥିଲେ। ଯୁକ୍ତ୨ ବିଜ୍ଞାନରେ ତାଙ୍କ ନାମ ଲେଖାଯାଇଥିଲା। ଭଲ ପ୍ରଦର୍ଶନ କଲେ ତାଙ୍କ ଇଚ୍ଛା ମୁତାବକ ବିନାଦେୟରେ କିଟ୍ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ପାଇପାରିବେ ବୋଲି ଅଚ୍ୟୁତ ସାମନ୍ତ ପ୍ରତିଶ୍ରୁତି ଦେଇଥିଲେ। ମୀନାକ୍ଷୀ ତାଙ୍କର ଦୃଢ଼ ନିଷ୍ଠା ଓ ଅଧ୍ୟବସାୟ ବଳରେ ଏହି ସଫଳତା ପାଇପାରିଛନ୍ତି ବୋଲି ଡ. ସାମନ୍ତ କହିଛନ୍ତି। ଭବିଷ୍ୟତରେ ଡାକ୍ତର ହେବା ଲକ୍ଷ୍ୟ ରଖିଥିବା ମୀନାକ୍ଷୀ ଚଳିତବର୍ଷ ଏନ୍‌ଇଇଟି ପରୀକ୍ଷା ମଧ୍ୟ ଦେଇଛନ୍ତି। ସେହିଭଳି ମୀନାକ୍ଷୀଙ୍କ ଭଳି କିସ୍‌ର ବହୁ ଗରିବ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଏହି ଅବସରରେ ଡ. ସାମନ୍ତ ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ କିସ୍‌ର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ନିୟମିତ ମାର୍ଗଦର୍ଶନ ଓ ଛାତ୍ରୀଛାତ୍ରଙ୍କ ପରିଶ୍ରମ ସେମାନଙ୍କୁ ସଫଳତା ଆଣି ଦେଇଛି ବୋଲି କହିଛନ୍ତି।



ମୀନାକ୍ଷୀ ମଲ୍ଲିକ



ପୀତବାସ ଟିଆକା

# ୨୦୨୦ ତୁଳନାରେ ବଢ଼ିଲା ପାସ୍‌ହାର

**ଭୁବନେଶ୍ୱର, ୨୭।୭(ବ୍ୟୁରୋ)**

ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଗତବର୍ଷ ତୁଳନାରେ ଚଳିତ ବର୍ଷ ପାସ୍‌ହାର କମିଯାଇଛି। ଗତବର୍ଷ ବିଜ୍ଞାନରେ ପାସ୍‌ହାର ୯୫.୧୫% ଥିବାବେଳେ ଚଳିତବର୍ଷ ୯୪.୧୨% ରହିଛି। ସେହିଭଳି ଗତବର୍ଷ ବାଣିଜ୍ୟରେ ୯୪.୯୬% ଥିବାବେଳେ ଏଥର ପାସ୍‌ହାର ୮୯.୨୦% ରହିଛି। ତେବେ ଗତବର୍ଷ କରୋନା ଯୋଗୁ ପରୀକ୍ଷା ହୋଇ ନ ଥିଲା। ବିକଳ୍ପ ପଦ୍ଧତିରେ ମୂଲ୍ୟାୟନ କରାଯାଇଥିଲା। ତେଣୁ ପାସ୍‌ହାର ଅଧିକ ରହିଥିଲା। କିନ୍ତୁ ୨୦୨୦ରେ ଚଳିତ ବର୍ଷ ପରି ପରୀକ୍ଷା ହୋଇଥିଲା। ତେଣୁ ଉକ୍ତବର୍ଷ ସହ ତୁଳନା କଲେ ଏ ଦୁଇଟି ବିଭାଗରେ ପାସ୍‌ହାର ବୃଦ୍ଧି ପାଇଛି। ୨୦୨୦ରେ ବିଜ୍ଞାନରେ ପାସ୍‌ହାର ୭୦.୨୧% ଥିବାବେଳେ ଚଳିତବର୍ଷ ତାହା ଯଥେଷ୍ଟ ବୃଦ୍ଧି ପାଇ ୯୪.୧୨% ହୋଇଛି। ସେହିପରି ବାଣିଜ୍ୟରେ ୨୦୨୦ରେ ପାସ୍ ହାର ୭୪.୯୫% ଥିବାବେଳେ ଚଳିତବର୍ଷ ଏହା ବୃଦ୍ଧି ପାଇ ୮୯.୨୦% ହୋଇଛି।

# କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

**ଭୁବନେଶ୍ୱର, ୨୭।୭(ବ୍ୟୁରୋ)**

କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟରେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ୨୫୮ ଛାତ୍ରୀଛାତ୍ର ବିଜ୍ଞାନ ପରୀକ୍ଷା ଦେଇଥିଲେ। ଏଥିମଧ୍ୟରୁ ୨୫୨ଜଣ ପ୍ରଥମ ଶ୍ରେଣୀରେ ଓ ୬ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୦ ଛାତ୍ରୀଛାତ୍ର ୯୦%ରୁ ଅଧିକ ନମ୍ବର ରଖି ଉଲ୍ଲେଖନୀୟ ସଫଳତା ହାସଲ କରି ବିଦ୍ୟାଳୟର ଗରିମାରେ ଆଉଏକ ଫର୍ଦ୍ଦ ଯୋଡ଼ିଛନ୍ତି। ସୌମ୍ୟ ରଞ୍ଜନ ସାମନ୍ତ ସର୍ବାଧିକ ୫୭୩ (୯୪.୭୫%) ନମ୍ବର ରଖି ଅନୁଷ୍ଠାନର ସଫଳତା ବଜାୟ ରଖିଥିବାବେଳେ ୫୯ଜଣ ୫୦୦ରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଶିକ୍ଷୟତ୍ରୀ ଶିକ୍ଷକ ଓ ସମସ୍ତ କର୍ମଚାରୀଙ୍କ କଠିନ ପରିଶ୍ରମ ଓ ନିଷ୍ଠାପର ଯତ୍ନ ପିଲାଙ୍କ ସଫଳତାରେ ସହାୟକ ହେବା ସହ ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥାର ପରିଚୟ ଦେଇଛନ୍ତି। ଏହି ସଫଳତା ପାଇଁ ସ୍କୁଲ୍ ଚେୟାରମ୍ୟାନ ଡ. ଚିତ୍ତ ରଞ୍ଜନ ମିଶ୍ର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀଙ୍କୁ ସେମାନଙ୍କ ନିଷ୍ଠାପର ଓ ନିଃସ୍ୱାର୍ଥପର କାର୍ଯ୍ୟପାଇଁ ଧନ୍ୟବାଦ ଦେଇଛନ୍ତି। ଏଥିସହ ସେ ସମସ୍ତ ଛାତ୍ରୀଛାତ୍ରଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

**୫୭୩ ନମ୍ବର ରଖିଲେ ସୌମ୍ୟ**



ସୌମ୍ୟ ରଞ୍ଜନ ସାମନ୍ତ

# ଜୁପିଟର ପବ୍ଲିକ ସ୍କୁଲର ସଫଳତା

**ଭୁବନେଶ୍ୱର, ୨୭।୭(ବ୍ୟୁରୋ):** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ପକ୍ଷରୁ ପ୍ରକାଶିତ ୨୦୨୨ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଭୁବନେଶ୍ୱରସ୍ଥିତ ଜୁପିଟର ପବ୍ଲିକ ସ୍କୁଲର ପାସ୍ ହାର ଶତ ପ୍ରତିଶତ ରହିଛି। ଦ୍ୱାଦଶ ପରୀକ୍ଷାରେ ପ୍ରଭୁଦତ୍ତ ମଙ୍ଗୁଆଳ ୯୮ ପ୍ରତିଶତ ଓ ୧୦ମ ପରୀକ୍ଷାରେ ଶର୍ମିଷ୍ଠା ବେହେରା ୯୬. ୨ ପ୍ରତିଶତ ମାର୍କ ରଖି ଶିକ୍ଷାନୁଷ୍ଠାନର ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଉଭୟ ୧୦ମ ଓ ଦ୍ୱାଦଶ ପରୀକ୍ଷାରେ ଜୁପିଟରର ପ୍ରଥମ ଶ୍ରେଣୀ ପାସ୍ ହାର ୮୩ ପ୍ରତିଶତ ଲେଖାଏ ରହିଛି। ଏଥିସହ ଅଧିକାଂଶ ବିଦ୍ୟାର୍ଥୀ ତାଙ୍କ ୧୦ମ ପରୀକ୍ଷାଫଳ ହାରଠାରୁ ଦ୍ୱାଦଶରେ ଅଧିକ ଉନ୍ନତ ପ୍ରଦର୍ଶନ କରିପାରିଛନ୍ତି। ଏହି ସଫଳତା ପାଇଁ ସ୍କୁଲର ଅଧକ୍ଷା ନିରୁପମା ପାତ୍ର ଓ ରୋହିତ କୁମାର ଷଡଙ୍ଗୀ ବିଦ୍ୟାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# +୨ ବିଜ୍ଞାନରେ ରୟାଲର ୧୦୦% ଫଳାଫଳ

**ଭୁବନେଶ୍ୱର,୨୭।୭**





ଓଡ଼ିଶାର ସମ୍ପୂର୍ଣ୍ଣ ଆବାସିକ ମହାବିଦ୍ୟାଳୟ ରୟାଲ ହାୟର୍ ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି ବିଗତ ୧୮ବର୍ଷ ପରି ଏ ବର୍ଷ ମଧ୍ୟ +୨ ବିଜ୍ଞାନ ପରୀକ୍ଷାରେ ୧୦୦% ସଫଳତା ସହ ସମଗ୍ର ରାଜ୍ୟରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିପାରିଛି। ଚଳତି ବର୍ଷ ସର୍ବମୋଟ୍ ୨୧୭ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୧୪ଜଣ ପ୍ରଥମ ଶ୍ରେଣୀରେ ଏବଂ ୩ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ମହାବିଦ୍ୟାଳୟର ଛାତ୍ର ଉମାଶଙ୍କର ସାହୁ ଚଳିତ ବର୍ଷ +୨ ପରୀକ୍ଷାରେ ସର୍ବାଧିକ ୫୭୩ (୯୫.୫୦%) ନମ୍ବର ରଖି ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିଭଳି ୨ଜଣ ୯୫%ରୁ ଊର୍ଦ୍ଧ୍ୱ ଏବଂ ୧୮ ଜଣ ୯୦%ରୁ ଊର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ୫୯ଜଣ ଛାତ୍ରୀଛାତ୍ର ୫୦୦ରୁ ଊର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ସଫଳତା ନିମନ୍ତେ କଲେଜର ଚେୟାରମ୍ୟାନ୍ ବିଷ୍ଣୁମୋହନ ମହାନ୍ତି ସମସ୍ତ ଛାତ୍ରୀଛାତ୍ର,ଅଭିଭାବକ, ଅଧ୍ୟାପକମଣ୍ଡଳୀ ଏବଂ ଶୁଭେଚ୍ଛୁମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏକ ସମ୍ପୂର୍ଣ୍ଣ ଆବାସିକ କଲେଜ ହିଁ ଜ୍ଞାନ,ସଂସ୍କୃତି ଓ ଶୃଙ୍ଖଳାର ଦୃଢ଼ ଭିତ୍ତିଭୂମି ଉପରେ ଦଣ୍ଡାୟମାନ ହୋଇଥାଏ। ଏହି ଚରମ ଲକ୍ଷ୍ୟ ସବୁକୁ ଆଗେଇ ନେବାରେ ବିଷ୍ଣୁମୋହନ ନିଜକୁ ସମ୍ପୂର୍ଣ୍ଣ ରୂପେ ନିୟୋଜିତ କରାଇଛନ୍ତି। ଏହି ଅନୁଷ୍ଠାନକୁ ମାତ୍ର ଅଳ୍ପ କେତୋଟି ବର୍ଷ ମଧ୍ୟରେ ରାଜ୍ୟର ଏକ ଅଗ୍ରଣୀ +୨ ବିଜ୍ଞାନ କଲେଜ ଭାବେ ପ୍ରତିଷ୍ଠିତ କରାଇପାରିଛନ୍ତି।

# ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ: ଅନନ୍ୟା ସ୍କୁଲ୍ ଟପ୍ପର

**ଭୁବନେଶ୍ୱର, ୨୭।୭(ବ୍ୟୁରୋ):** ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶତ ପ୍ରତିଶତ ରେଜଲ୍ଟ ହୋଇଛି। ଅନନ୍ୟା ମିଶ୍ର ୯୫.୮୩% ମାର୍କ ରଖି ସ୍କୁଲ ଟପ୍ପର ହୋଇଥିବାବେଳେ ଫାଲଗୁନି କଶ୍ୟପ ଓ ଇତିଶ୍ରୀ ଗିରି ୯୪.୩୩% ଏବଂ ଶିବଦତ୍ତ ସାହୁ ୯୪.୨୭% ମାର୍କ ରଖି ସ୍କୁଲକୁ ଗର୍ବିତ କରାଇଛନ୍ତି। ୧୬ ଛାତ୍ରୀଛାତ୍ର ଫିଜିକ୍ସ, ସଂସ୍କୃତ ଓ ଗଣିତରେ ୧୦୦ରୁ ୧୦୦ ମାର୍କ ରଖିଛନ୍ତି। ୩୮ ଛାତ୍ରୀଛାତ୍ର ୯୦% ଉପରେ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି।



ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପରେ ପୁରୀ ଚିତ୍ରକର ସାହିସ୍ଥିତ ସରସ୍ୱତୀ ଜ୍ଞାନମନ୍ଦିରର ସଫଳତାର ସହ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଆଚାର୍ଯ୍ୟ ମିଠା ଖୁଆଉଛନ୍ତି।

# ଯୁକ୍ତ୨ ବିଜ୍ଞାନରେ ସରସ୍ୱତୀର ସଫଳତା

**ଭୁବନେଶ୍ୱର,୨୭।୭**





ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ସରସ୍ୱତୀ ଜୁନିୟର କଲେଜ ସବୁ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଯୁକ୍ତ ୨ ବିଜ୍ଞାନ ଫଳାଫଳରେ ଶତ ପ୍ରତିଶତ ସଫଳତା ହାସଲ କରିଛି। ସଦ୍ୟ ପ୍ରକାଶିତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଓଡ଼ିଶାଙ୍କ ଦ୍ୱାରା ପରିଚାଳିତ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାର ଫଳାଫଳ ବୁଧବାର ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ କଟକ ଅରୁଣୋଦୟ ନଗରସ୍ଥିତ ସରସ୍ୱତୀ ଉଚ୍ଚମାଧ୍ୟମିକ ଓ ବିଜ୍ଞାନ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉତ୍କର୍ଷ ପ୍ରତିପାଦନ କରିଥିବା ଜଣାପଡ଼ିଛି। ମହାବିଦ୍ୟାଳୟର ସର୍ବମୋଟ ୨୫୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୬ ଜଣ ୯୦%ରୁ ଊର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଉକ୍ତ ବିଦ୍ୟାଳୟର ଛାତ୍ର ସବ୍ୟସାଚୀ ପରିଡା ୫୬୬ ନମ୍ବର ରଖି ମହାବିଦ୍ୟାଳୟର ସ୍ତରରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ଚଳିତ ବର୍ଷ ଫଳାଫଳରେ ମହାବିଦ୍ୟାଳୟର ଶତପ୍ରତିଶତ ସଫଳତା ହାସଲ ସହ କୌଣସି ପରୀକ୍ଷାର୍ଥୀ ୬୦%ରୁ କମ ନମ୍ବର ପାଇନାହାନ୍ତି ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ମହାବିଦ୍ୟାଳୟର ଅଧକ୍ଷ ଡ. ଦେବଦତ୍ତ ସ୍ୱାଇଁ କହିଛନ୍ତି ଅନୁଷ୍ଠାନର ଏହି ଗୌରବମୟ ସଫଳତା ପାଇଁ ସମସ୍ତ କୃତୀ ବିଦ୍ୟାର୍ଥୀଙ୍କ ସମେତ ଅଧ୍ୟାପକ ଓ ଅଧ୍ୟାପିକା ଏବଂ ଅଭିଭାବକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ପ୍ରକାଶ ପାଇଲା ଉପଶାସ୍ତ୍ରୀ ପରୀକ୍ଷାଫଳ

**ପୁରୀ ଅଫିସ, ୨୭।୭**

- ପାସ୍ ହାର ୮୯.୬୧ %
- ୧୮ ଜଣଙ୍କ ପରୀକ୍ଷାଫଳ ବାତିଲ

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀବିହାର, ପୁରୀ ପକ୍ଷରୁ ବୁଧବାର ଉପଶାସ୍ତ୍ରୀ ନିୟମିତ ଓ ପୂର୍ବ ନିୟମିତ ପରୀକ୍ଷାଫଳ ପ୍ରକାଶ ପାଇଛି। ପାସ୍ ହାର ୮୯.୬୧ ପ୍ରତିଶତ ରହିଛି। ପ୍ରଥମ ଶ୍ରେଣୀରେ ୧୭୨୧, ଦ୍ୱିତୀୟ ଶ୍ରେଣୀରେ ୪୮୯୪, ତୃତୀୟ ଶ୍ରେଣୀରେ ୮୪୬ ଏବଂ କମ୍ପାର୍ଟମେଣ୍ଟାଲରେ ୨ଜଣ କୃତକାର୍ଯ୍ୟ ହୋଇଛନ୍ତି। ଅସାଧୁ ଉପାୟ ଅବଲମ୍ବନ କରିଥିବାରୁ ୧୮ଜଣଙ୍କ ପରୀକ୍ଷାଫଳକୁ ବାତିଲ କରାଯାଇଛି ବୋଲି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରିହର ହୋତା ଏବଂ ପରୀକ୍ଷା ନିୟନ୍ତ୍ରକ ଧରଣୀଧର ରଣା ସୂଚନା ଦେଇଛନ୍ତି। ଏପ୍ରିଲ ୨୯ରୁ ମେ ୯ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୧୨୮ ପରୀକ୍ଷା କେନ୍ଦ୍ରରେ ୧୬୭ଟି ସଂସ୍କୃତ ମହାବିଦ୍ୟାଳୟର ୮୩୨୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୭୪୬୩ ଜଣ ବିଦ୍ୟାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି।



ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଉପଶାସ୍ତ୍ରୀ ପରୀକ୍ଷା ଫଳ ପୁସ୍ତିକାକୁ ବୁଧବାର କୁଳପତି ହରିହର ହୋତା ଓ ଅନ୍ୟମାନେ ଉନ୍ମୋଚନ କରୁଛନ୍ତି।

## କ୍ୟାପିଟାଲ ହସ୍ପିଟାଲ ପରିସରରୁ ହଟିଲା ମନ୍ଦିର

**ଭୁବନେଶ୍ୱର,(ବ୍ୟୁରୋ):** କ୍ୟାପିଟାଲ ଚିକିତ୍ସାଳୟରେ ପିଜି ଇନ୍‌ଷ୍ଟିଚ୍ୟୁଟ୍ ପାଇଁ ବୁଧବାର ବିଡିଏ ପକ୍ଷରୁ ଉଚ୍ଛେଦ କରାଯାଇଛି। ହସ୍ପିଟାଲ ପଛପାଖରେ ଥିବା ଏକ ମନ୍ଦିରକୁ ଭଙ୍ଗାଯାଇଛି। ବିଡିଏର ଏନ୍‌ଫୋର୍ସମେଣ୍ଟ ଟିମ୍ ସେଠାରେ ପହଞ୍ଚିବା ପରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ଠାକୁରାଣୀ ମନ୍ଦିରରୁ ପୂଜକ ମୂର୍ତ୍ତି ନେବା ପରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ଏହାଦ୍ୱାରା ୬୦୦ ବର୍ଗଫୁଟ ସ୍ଥାନ ଖାଲି କରାଯାଇଛି। କାର୍ଯ୍ୟକ୍ରମରେ ବିଡିଏର ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଅଧିକାରୀ ଉପସ୍ଥିତ ଥିଲେ। ବର୍ତ୍ତମାନ କ୍ୟାପିଟାଲ ହସ୍ପିଟାଲରେ ୬ଟି ବିଭାଗରେ ପିଜି ପାଠ୍ୟକ୍ରମ ପ୍ରଦାନ କରାଯିବ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ୱାର୍ଲ୍ଡ ହେପାଟାଇଟିସ ଦିବସ ଅବସରରେ ଗ୍ୟାଷ୍ଟ୍ରୋ ଏବଂ ଲିଭର କେୟାର ଫାଉଣ୍ଡେଶନ ପକ୍ଷରୁ ମାରାଥନ୍, ଓଏସ୍‌ଏପି ୭ମ ବାଟାଲିୟନ୍, ସକାଳ ୫ଟା।
- ସ୍ୱର୍ଗତ ସମୀର ପ୍ରଧାନଙ୍କ ଏକାଦଶାହ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ, ତିଳତର୍ପଣ, ବିନ୍ଦୁସାଗର ଉତ୍ତରେଶ୍ୱର ଘାଟ, ସକାଳ ୭ଟା, ଚାରାରୋପଣ, ରେଣ୍ଟାଲ କଲୋନୀ ହାଇସ୍କୁଲ, ସକାଳ ୮ଟା ୩୦, ରକ୍ତଦାନ ଶିବିର, ରାଜ୍ୟ ବିଜେଡି କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା ୩୦, ସ୍ମୃତି ସଭା ଏବଂ ପ୍ରସାଦ ସେବନ, ପ୍ରୟାସ ପାର୍କ, ରେଣ୍ଟାଲ କଲୋନୀ, ସନ୍ଧ୍ୟା ୭ଟା।
- ସଂଭାବନା ଓଡ଼ିଆଣୀ ସମିତିର 'ଚିତଉ ଉତ୍ସବ' ସୂଚନା ଭବନ, ସମ୍ମିଳନୀ କକ୍ଷ, ସନ୍ଧ୍ୟା ୬ଟା।

# ଆଇନ ପ୍ରଶିକ୍ଷଣ ଦ୍ୱାରା କ୍ରିୟାଶୀଳ ହୁଅନ୍ତୁ ଯୁବପିଢ଼ି

## ଓଡ଼ିଶା ହାଇକୋର୍ଟର ୭୫ତମ ପ୍ରତିଷ୍ଠା ଦିବସ

■ ୧୫୦ ବାର୍‌କୁ ସଂଯୋଗ କରିବ ଅଧିବକ୍ତା ଏକତା ମଶାଲ



ପ୍ରତିଷ୍ଠା ଉତ୍ସବରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର, ମନ୍ତ୍ରୀ ଜଗନ୍ନାଥ ସାରକା ଓ ଅନ୍ୟମାନେ।

**କଟକ ଅଫିସ,୨୭।୭**

ଓଡ଼ିଶା ହାଇକୋର୍ଟର ୭୫ତମ ପ୍ରତିଷ୍ଠା ଦିବସକୁ ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ଅମୃତ ମହୋତ୍ସବ ଭାବେ ବୁଧବାର ପାଳନ କରାଯାଇଛି। ଆସୋସିଏଶନ ପ୍ରେକ୍ଷାଳୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଯୋଗଦେଇ ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ହାଇକୋର୍ଟ ବାର୍ କର୍ମକର୍ତ୍ତାଙ୍କୁ ୩ଟି ଦିଗ ପ୍ରତି ଲକ୍ଷ୍ୟ ଦେବା ସହ ଅନୁକରଣ କରିବାକୁ କହିଥିଲେ। ବିଶେଷକରି ଆଇନ ବକ୍ତୃତା ଓ ଆଇନ ପ୍ରଶିକ୍ଷଣ ସେବା ମାଧ୍ୟମରେ ବର୍ତ୍ତମାନର ଯୁବପିଢ଼ି ଅଧିକ କ୍ରିୟାଶୀଳ ହେବାକୁ ମତ ଦେଇଥିଲେ। ଏଥିସହ ଆଇନ ବ୍ୟବସାୟ ଓ ନ୍ୟାୟିକ ସେବାର ବିଭିନ୍ନ ଦିଗକୁ ଅନୁକରଣ କରିବା ପାଇଁ ଆହ୍ୱାନ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ଆଇନମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ କହିଥିଲେ, ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ଉଦ୍ୟମ ପରେ ୧୯୪୮ ଜୁଲାଇ ୨୬ରେ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ହୋଇଥିଲା। ନ୍ୟାୟିକ ପ୍ରକ୍ରିୟାରେ ଅନେକ ପରିବର୍ତ୍ତନ ଆସିଛି। ଏହାଦ୍ୱାରା ଜନତା ଅନେକ ମାତ୍ରାରେ ଉପକୃତ ହୋଇପାରିଛନ୍ତି। ସମ୍ବିଧାନର ବ୍ୟବସ୍ଥା ଅନୁସାରେ ଲୋକସଭା, ବିଧାନସଭା, କାର୍ଯ୍ୟନିର୍ବାହୀ ଓ ନ୍ୟାୟପାଳିକା ସର୍ବଦା ଲୋକଙ୍କ କଲ୍ୟାଣ ପାଇଁ ଉତ୍ତରଦାୟୀ ରହିଛି ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଆଡଭୋକେଟ ଜେନେରାଲ ଅଶୋକ କୁମାର ପରିଜା ଯୋଗଦେଇ ଯୁବ ଆଇନଜୀବୀମାନେ ଜୁଡିସିଆଲ ସର୍ଭିସ ଆଡକୁ ଆକର୍ଷିତ ହେବାକୁ ପରାମର୍ଶ ଦେଇଥିଲେ। ଆସୋସିଏଶନ ସମ୍ପାଦକ ଆଲୋକ ପ୍ରସାଦ ନନ୍ଦ ସ୍ୱାଗତ ଭାଷଣ ଦେଇ ଓଡ଼ିଶା ହାଇକୋର୍ଟର ପ୍ରଥମ ବିଚାରପତି ବୀରକିଶୋର ରାୟଙ୍କ ଅବଦାନକୁ ଓଡ଼ିଶାବାସୀ ଭୁଲିପାରିବେ ନାହିଁ ବୋଲି କହିଥିଲେ। ଆସୋସିଏଶନ ସଭାପତି ଆଇନଜୀବୀ କାଳୀପ୍ରସନ୍ନ ମିଶ୍ର ସଭାପତିତ୍ୱ କରି କହିଥିଲେ, ୭୫ବର୍ଷ ମଧ୍ୟରେ ହାଇକୋର୍ଟ ଯେତିକି ଆଗେଇ ଆସିଛି ତା'ର ଗତିକୁ ଅଧିକ ଗତିଶୀଳ କରିବାକୁ ମୁଖ୍ୟ ବିଚାରପତିଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ଏକତା ଓ ଅଖଣ୍ଡତା ନିମନ୍ତେ ଅଧିବକ୍ତା ଏକତା 'ଜ୍ୟୋତି' ମଶାଲ ପ୍ରଜ୍ୱଳନ କରାଯାଇଥିଲା। ଉକ୍ତ ମଶାଲ ରାଜ୍ୟରେ ଥିବା ୧୫୦ଟି ବାର୍‌କୁ ସଂଯୋଗ କରିବ। ଆସୋସିଏଶନ ଯୁଗ୍ମ ସମ୍ପାଦକ ଉଦିତ ରଞ୍ଜନ ଜେନା ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ଉପସଭାପତି କ୍ଷୀରୋଦ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

# ରାଜଧାନୀରେ ଆଉ ଜଣେ ମହିଳାଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର,(ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର, ୨୭।୭ (ଡି.ଏନ.ଏ)**

ପାରିବାରିକ ସମସ୍ୟା ହେଉ ଅବା ଅନ୍ୟକିଛି କାରଣକୁ ନେଇ ରାଜଧାନୀ ଭୁବନେଶ୍ୱରରେ ଲୋକଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢ଼ି ଚାଲିଛି। ଏୟାରଫିଲ୍ଡ ଥାନା ଅଞ୍ଚଳରେ ଗତ ଦୁଇଦିନ ତଳେ ଜଣେ ବିବାହିତ ମହିଳା ବାପଘରେ ଆତ୍ମହତ୍ୟା କରିଥିଲେ। ଏବେ ଆଉଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ସେ ହେଲେ ମହତାବ ରୋଡ୍ ଅଞ୍ଚଳରେ ରହୁଥିବା ସସ୍ମିତା ସେଠୀ (୪୫)। ବୁଧବାର ସକାଳେ ଘର କବାଟ ଭାଙ୍ଗି ଫ୍ୟାନ୍‌ରେ ଝୁଲୁଥିବା ଅବସ୍ଥାରେ ତାଙ୍କ ମୃତଦେହକୁ ଜବତ କରାଯାଇଛି। ପରେ ପୋଲିସ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏୟାରଫିଲ୍ଡ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୮/୨୨) ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ତେବେ ସସ୍ମିତା କାହିଁକି ଆତ୍ମହତ୍ୟା କଲେ, ଘରେ କିଛି ସମସ୍ୟା ଥିଲା କି, ଏଭଳି ଅନେକ ଦିଗକୁ ନେଇ ପୋଲିସ ଛାନଭିନ୍ କରୁଛି। ଏଥିସହ ତାଙ୍କ ସ୍ୱାମୀଙ୍କୁ ପଚରାଉଚରା କରାଯାଉଛି। ସେହିପରି ମୃତା ସସ୍ମିତାଙ୍କ ନିକଟରୁ ଏକ ଚିଠି ମିଳିଥିବା ଶୁଣାଯାଉଥିଲେ ମଧ୍ୟ ଏୟାରଫିଲ୍ଡ ଥାନା ପୋଲିସ ସେପରି କିଛି ମିଳି ନ ଥିବା କହିଛି। ସୂଚନା ଅନୁଯାୟୀ, ସସ୍ମିତାଙ୍କ ସ୍ୱାମୀ ୱାଟ୍‌କୋରେ କାମ କରନ୍ତି। ତାଙ୍କର ଦୁଇଜଣ ପିଲା ଅଛନ୍ତି। ବୁଧବାର ସକାଳେ ପ୍ରଫୁଲ୍ଲ ଅଫିସ୍ ଚାଲିଯାଇଥିଲେ। ଏହାପରେ ସସ୍ମିତା ଘର ଫ୍ୟାନରେ ଲୁଗା ସାହାଯ୍ୟରେ ଝୁଲିପଡ଼ିଥିବା ଅନୁମାନ କରାଯାଉଛି। ତେବେ ଦିନ ୧୧ଟା ପର୍ଯ୍ୟନ୍ତ ତାଙ୍କ ଘର କବାଟ ବନ୍ଦ ଥିବା ଦେଖି ପଡ଼ୋଶୀମାନେ ସନ୍ଦେହ କରିଥିଲେ। ଏନେଇ ସେମାନେ ତାଙ୍କ ସ୍ୱାମୀଙ୍କୁ ଫୋନ୍ କରି ଜଣାଇଥିଲେ। ସେ ଘରକୁ ଫେରି କବାଟ ଭାଙ୍ଗିବା ପରେ ସସ୍ମିତା ଫ୍ୟାନରେ ଝୁଲୁଥିବା ଦେଖିଥିଲେ। ସଙ୍ଗେସଙ୍ଗେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ଗତ ୬ ମାସ ଭିତରେ ଭୁବନେଶ୍ୱରରେ ୧୦ରୁ ଊର୍ଦ୍ଧ୍ୱ ଆତ୍ମହତ୍ୟା ଘଟଣା ଘଟିଛି। ମଡେଲ ସୌମ୍ୟ ରଞ୍ଜନଙ୍କଠାରୁ ଅଭିନେତା ରାଇମୋହନ ପରିଡ଼ା, ବିଜେବି ଛାତ୍ରୀ ରୁଚିକା ମହାନ୍ତି, ଟେଲି ଅଭିନେତ୍ରୀ ରଶ୍ମିରେଖାଙ୍କ ଆତ୍ମହତ୍ୟା ଘଟଣା ଚର୍ଚ୍ଚାରେ ରହି ଆସିଛି।

## 'ସିକନ୍ଦର ଆଲାମଙ୍କ ସଙ୍ଗୀତକୁ ନୂଆ ପିଢ଼ି ଅନୁକରଣ କରନ୍ତୁ'

**ଭୁବନେଶ୍ୱର,୨୭।୭(ବ୍ୟୁରୋ):** ଓଡ଼ିଶାର ପ୍ରସିଦ୍ଧ କଣ୍ଠଶିଳ୍ପୀ ମହମ୍ମଦ ସିକନ୍ଦର ଆଲାମଙ୍କ କଣ୍ଠର ଯାଦୁରେ ଥିଲା ନିଆରା ଆକର୍ଷଣ। ତାଙ୍କ ଆଦର୍ଶ ଓ ସଙ୍ଗୀତରେ ଅନୁପ୍ରାଣିତ ହୋଇ ନୂଆ ପିଢ଼ିର କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କଲେ ନୂଆ ଆଶାର ସଂଚାର ହୋଇପାରିବ ବୋଲି ଅତିଥିମାନେ କହିଛନ୍ତି। ବୁଧବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସିକନ୍ଦର ଆଲାମଙ୍କ ୮୩ତମ ଜୟନ୍ତୀ ଉତ୍ସବ ରବୀନ୍ଦ୍ର ମଣ୍ଡପ ନିକଟ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ରମେଶ ଚନ୍ଦ୍ର ସାଏ, ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ମାୟାଧର ଜେନା, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦକ ଲେଲିନ୍ ମହାନ୍ତି, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ସ୍ୱର୍ଗତ ଆଲାମଙ୍କ ସ୍ତ୍ରୀ କଣ୍ଠଶିଳ୍ପୀ ନଇମା ଆଲାମ, କନ୍ୟା ସୋଫିଆ ଓ ନାଜିଆ, କର୍ପୋରେଟର ରଞ୍ଜୁଲତା ରାୟ, ଅଲିଅଲି ମଲ୍ଲିକ, ଆସିଆ ବେଗମ୍ ପ୍ରମୁଖ ଯୋଗଦେଇଥିଲେ। ନଇମା ଆଲାମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଡକାୟତି ଉଦ୍ୟମ, ୫ ଗିରଫ

**ଭୁବନେଶ୍ୱର(ବ୍ୟୁରୋ)/ଜଟଣୀ,୨୭।୭ (ଡି.ଏନ୍.ଏ.) :** ଜଟଣୀ ଥାନା ପୋଲିସ ଏକ ବଡ଼ଧରଣର ଡକାୟତି ଉଦ୍ୟମକୁ ପଣ୍ଡ କରିଛି। ଖଣ୍ଡପୁର ଫାୟାର ଷ୍ଟେଶନ ରୋଡ୍‌ରୁ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ମଧ୍ୟବର୍ତ୍ତୀ ମାଙ୍କଡା ପଥର ଖଣି ନିକଟ ଏକ ପରିତ୍ୟକ୍ତ ଘରେ ଯୋଜନା ଚାଲିଥିବାବେଳେ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନନ୍ଦୁ ଓରଫ ଅଜୟ ନାଏକ (୨୫), ନିସାର ଖାନ (୪୬), ରାଜା ଓରଫ ଅମିର ଖାନ (୩୪), ସୋନୁ ଓରଫ ଅମିର ଖାନ (୩୨) ଓ ରଘୁଆ ଓରଫ ସହଦେବ ନାୟକ (୨୧)। ସେମାନଙ୍କଠାରୁ ନଗଦ ୪ ହଜାର ଟଙ୍କା, ଗୋଟିଏ କଟୁରି, ୪ ଛୁରି ଓ ୩ ପ୍ୟାକେଟ ଲଙ୍କା ଗୁଣ୍ଡ ଜବତ କରାଯାଇଛି। ଏନେଇ ପୋଲିସ ଏକ ମାମଲା (ନଂ ୨୭୩/୨୨) ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୂର୍ବରୁ ଅଭିଯୁକ୍ତ ନନ୍ଦୁଙ୍କ ନାମରେ ଜଟଣୀ ଥାନାରେ ୨୫, ସୋନୁଙ୍କ ନାମରେ ଖୋର୍ଦ୍ଧା ଆଦର୍ଶ ଥାନାରେ ୨ ଓ ଜଟଣୀ ଥାନାରେ ଗୋଟିଏ ମାମଲା ରହିଥିବାବେଳେ ରଘୁଆ ନାମରେ ଜଟଣୀ, ଲକ୍ଷ୍ମୀସାଗର ଓ ଏୟାରପୋର୍ଟ ଥାନାରେ ଗୋଟିଏ ଲେଖାଏ ଚୋରି, ଲୁଟ୍ ଓ ଆପରାଧିକ ମାମଲା ରହିଛି।

# ଜୀବନର ସତ୍ୟକୁ ଉପଲବ୍ଧି କରିବା ଦରକାର


ଡ୍ରିମ୍‌ସରେ ପଦ୍ମିନୀ ରଥଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତି।

## ଡ୍ରିମ୍‌ସରେ ପଦ୍ମିନୀ ରଥଙ୍କ ଶ୍ରାଦ୍ଧବାର୍ଷିକୀ

**କଟକ ଅଫିସ,୨୭।୭**

ଜୀବନର ସତ୍ୟକୁ ଉପଲବ୍ଧି କରିବା ଲାଗି ଚେଷ୍ଟିତ ହେବା ଆବଶ୍ୟକ। ଏହାଦ୍ୱାରା ଚିରନ୍ତନ ସୁଖ, ଶାନ୍ତି ପ୍ରାପ୍ତ ହୋଇଥାଏ ବୋଲି ବିଶିଷ୍ଟ ସନ୍ଥ ତଥା ବେଦାନ୍ତ ବିଜ୍ଞାନ କୁରୁକୁଳମ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ସ୍ୱାମୀ ଭାଗବତାନନ୍ଦ ସରସ୍ୱତୀ କହିଛନ୍ତି। ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହ ପକ୍ଷରୁ ପଦ୍ମିନୀ ରଥଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ସମାରୋହ ବୁଧବାର ରାଜେନ୍ଦ୍ର ନଗରସ୍ଥିତ ମଙ୍ଗଳା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସ୍ୱାମୀ ଭାଗବତାନନ୍ଦ ଯୋଗଦେଇ କହିଲେ, ଜୀବନରେ ଭଲ ଗୁଣର ଅଧିକାରୀ ହୋଇପାରିଲେ ମୃତ୍ୟୁ ପରେ ବି ଜଣେ ଜନମାନସରେ ସ୍ମରଣୀୟ ହୋଇଥାଏ। ପଦ୍ମିନୀ ରଥ ଥିଲେ ସେଭଳି ଜଣେ ମହୀୟସୀ। ଏଣୁ ଛାତ୍ରୀଛାତ୍ରମାନେ ଏହାକୁ ମନରେ ରଖି ସାଧନା ପଥରେ ଅଗ୍ରସର ହେବାକୁ ସେ ଦିଗ୍‌ଦର୍ଶନ ଦେଇଥିଲେ। ଏହି ଅବସରରେ ପ୍ରଫେସର ଡା. ପ୍ରତିମା ମିଶ୍ର, ଡା. ପ୍ରମୋଦିନୀ ସ୍ୱାଇଁ, ଡା. ମୋନାଲି ପଟ୍ଟନାୟକ, ଡା. ସ୍ୱାତୀ ସମୀକ୍ଷା, ଡା. ସଂଘମିତ୍ରା ସାହା ଓ ଡା. ଚିନ୍ମୟୀ ସିଂହଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଡ୍ରିମ୍‌ସ ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ଇଂ ଲଳିତ ମୋହନ ମିଶ୍ର, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ସହ ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ପ୍ରଶାନ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଡା. ଜ୍ୟୋତି ପ୍ରକାଶ ପରିଜା, ପ୍ରଫେସର ଡା. ଶିଶୁ ଶଙ୍କର ମିଶ୍ର, ପ୍ରଫେସର ଡା. ଶକ୍ତିପ୍ରସାଦ ଦାସ, ପ୍ରଫେସର ଡା. ଇନ୍ଦୁଭୂଷଣ କର, ଡା. ହିମାଂଶୁ ମିଶ୍ର, ଡ. କପିଳେଶ୍ୱର ମିଶ୍ର, ଡ. ନୟନ ରଞ୍ଜନ ସାମଲ, ଡ. ପି. କଙ୍ଗେଶ୍ୱରୀ, ଡ. ହିମାଂଶୁ ମହାନ୍ତି, ଡ. ସ୍ନିଗ୍ଧମଧୁସୂଦନ ଦାସ, ଡ. ପିନାକ ଭୂଷଣ ଦାସ, ଡ. ଲୀନା ପଟ୍ଟନାୟକ, ପ୍ରାଧ୍ୟାପକ ଦିଲୀପ କୁମାର ମଲ୍ଲିକ, ଉତ୍କଳ ରଞ୍ଜନ ଦାସ ଓ ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ପ୍ରମୁଖ ଯୋଗଦେଇଥିଲେ। ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ୧୮୯୬ କେଜି ଗଞ୍ଜେଇ ନଷ୍ଟକଲା ଏନ୍‌ସିବି

**ଭୁବନେଶ୍ୱର, ୨୭।୭(ବ୍ୟୁରୋ)**

ବିଭିନ୍ନ ମାମଲାରେ ଜବତ ହୋଇଥିବା ୧ ହଜାର ୮୯୬ କିଲୋ ୮୧୨ ଗ୍ରାମ ଗଞ୍ଜେଇକୁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଭୁବନେଶ୍ୱର ଉପଜୋନ୍ ପକ୍ଷରୁ ନଷ୍ଟ କରାଯାଇଛି। ଓଡ଼ିଶାର ବିଭିନ୍ନ କୋର୍ଟରେ ପଞ୍ଜୀକୃତ ୭ଟି ମାମଲାରେ ଜବତ ଏସବୁ ଗଞ୍ଜେଇକୁ ନିୟମିତ ନିଶାଦ୍ରବ୍ୟ ନଷ୍ଟ କମିଟି(ଆର୍‌ଡିଡିସି)ର ଉପସ୍ଥିତିରେ ଖୋର୍ଦ୍ଧାର ସାନି କ୍ଲିନ୍ ପ୍ରାଇଭେଟ୍ ଲିମିଟେଡ୍‌ଠାରେ ଜାଳି ଦିଆଯାଇଛି। ନିଶାଦ୍ରବ୍ୟ ନଷ୍ଟ ପାଇଁ ଓଡ଼ିଶା ହାଇକୋର୍ଟ ଏସ୍‌ଓପି ଜାରି କରିବା ପରେ ପ୍ରଥମଥର ପାଇଁ ମାମଲାର ରାୟ ପ୍ରକାଶ ପୂର୍ବରୁ (ପ୍ରି-ଟ୍ରାଏଲ) ଏନ୍‌ସିବି ଏଭଳି ପଦକ୍ଷେପ ନେଇଛି। ୨୦୧୨ର ଆପରାଧିକ ଅପିଲ ସଂଖ୍ୟା ୬୫୨ (ଭାରତ ସରକାର ବନାମ ମୋହନଲାଲ ଓ ଅନ୍ୟମାନେ)ରେ ୨୦୧୬ ଜାନୁୟାରୀ ୨୮ରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଦିଆଯାଇଥିବା ଆଦେଶକୁ ପାଳନ କରି ସାନି କ୍ଲିନ୍ ପ୍ରାଃ ଲିଃଠାରେ ୭ ମାମଲା ସହ ଜଡ଼ିତ ନିଶାଦ୍ରବ୍ୟ ନଷ୍ଟ କରିବା ଲାଗି ଆର୍‌ଡିଡିସି ପକ୍ଷରୁ ପ୍ରଥମେ ମାମଲା ସହ ଜଡ଼ିତ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଗଞ୍ଜେଇ ନଷ୍ଟ ପ୍ରକ୍ରିୟା ଆରମ୍ଭ କରିବା ପୂର୍ବରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଏନ୍‌ସିବି କୋଲକାତା ଜୋନାଲ ୟୁନିଟ୍‌ର ନିର୍ଦ୍ଦେଶକ ସୁଧାଂଶୁ କୁମାର ସିଂ, ଡିଆର୍‌ଆଇ ଭୁବନେଶ୍ୱର ଏବଂ ଡିଜିଜିଆଇ ଭୁବନେଶ୍ୱରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ତେବେ ସମସ୍ତ ଆଇନଗତ ଔପଚାରିକତା ପୂରଣ କରାଯାଇ ନିଶାଦ୍ରବ୍ୟକୁ ପୋଡ଼ି ନଷ୍ଟ କରାଯାଇଥିବା ଏନ୍‌ସିବି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# ଥଇଥାନ ହେବେ ରାସ୍ତାକଡ଼ ଶିଶୁ



ଶିବିରରେ ଡିଜିପି ସୁନୀଲ କୁମାର ବଂଶଲ ଓ ଅନ୍ୟମାନେ।

**ଭୁବନେଶ୍ୱର, ୨୭।୭(ବ୍ୟୁରୋ)**

ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏବଂ ୟୁନିସେଫ୍ ସହଯୋଗରେ ବୁଧବାର ସ୍ଥାନୀୟ ଏକ ହୋଟେଲରେ ଶିଶୁ ଅଧିକାର ସୁରକ୍ଷା ନେଇ ଏକ ରାଜ୍ୟସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ରାସ୍ତାକଡ଼ର ଶିଶୁଙ୍କ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ବିଭାଗ ତଥା ସବୁସ୍ତରରେ ସମନ୍ୱୟର ଆବଶ୍ୟକତା ରହିଛି। ବିଭିନ୍ନ ସମୟରେ ଶିଶୁମାନେ ସମ୍ମୁଖୀନ ହେଉଥିବା ସମସ୍ୟା ପ୍ରତି ସମ୍ବେଦନଶୀଳ ହୋଇ ପୋଲିସ ଶୂନ ସହନଶୀଳତା ନୀତି ଗ୍ରହଣ କରିବ ବୋଲି ସେ ପ୍ରକାଶ କରିଥିଲେ। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱରକୁ ଶିଶୁ ମିତ୍ର କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଶ୍ରମ କମିଶନର ଡ. ଏନ୍. ତିରୁମଲ ନାୟକ କହିଲେ, ରାସ୍ତାକଡ଼ର ଶିଶୁଙ୍କ ଥଇଥାନ ଏକାନ୍ତ ଜରୁରୀ। ଏଥିପାଇଁ ବିଭିନ୍ନ ବିଭାଗର ସହଯୋଗ ଆବଶ୍ୟକ ବୋଲି ସେ କହିଥିଲେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶନାମା ଓ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ଦ୍ୱାରା ଜାରି କରାଯାଇଥିବା 'ଦିଶା' ନିର୍ଦ୍ଦେଶ ଉପରେ ଶିଶୁ ସୁରକ୍ଷା ବିଶେଷଜ୍ଞ ପ୍ରଭାତ କୁମାର ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରି ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ରାସ୍ତାକଡ଼ର ଶିଶୁଙ୍କ ବିପଦ ସଂକୁଳତା ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ବିଭିନ୍ନ ବିଭାଗର ସହଯୋଗରେ ଭୁବନେଶ୍ୱରକୁ ଶିଶୁ ମିତ୍ର (ଚାଇଲ୍ଡ ଫ୍ରେଣ୍ଡଲି) କରାଯିବା ସହ ରାସ୍ତାକଡ଼ରେ ଯେପରି କେହି ଶିଶୁ ରହିବେନି, ତାହାକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ଏ ଦିଗରେ ସବୁ ଅନୁଷ୍ଠାନ ଓ ସମାଜର ସବୁବର୍ଗର ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ୟୁନିସେଫ୍ ଶିଶୁ ସୁରକ୍ଷା ବିଶେଷଜ୍ଞ ନେହା ନାଇଡୁ ଶିଶୁମାନେ ରାସ୍ତା ଉପରକୁ ଆସିବାର କାରଣ ସମସ୍ୟା ଉପରେ ଆଲୋଚନା କରିବା ସହିତ ଏହାର ନିରାକରଣ ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ। ବିଏମ୍‌ସିର ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ ଯୋଗଦେଇ ଭୁବନେଶ୍ୱରରେ ଥିବା ରାସ୍ତାକଡ଼ର ଶିଶୁଙ୍କ ଥଇଥାନ ପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଘାସିରାମ ପଣ୍ଡା ପରିଚାଳନା କରିଥିଲେ।

# ଶୁକ୍ରବାରଠାରୁ ଆରମ୍ଭ ହେବ ଇ-ଯାନ ସେବା

## ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୭।୭(ବ୍ୟୁରୋ)**

ଭୁବନେଶ୍ୱରରେ ଆରମ୍ଭ ହେବ ବହୁ ପ୍ରତୀକ୍ଷିତ ପ୍ରଦୂଷଣମୁକ୍ତ ଇଲେକ୍ଟ୍ରିକ୍ ବସ୍ ଓ ଇଲେକ୍ଟ୍ରିକ୍ ଅଟୋ। ଶୁକ୍ରବାର ଅପରାହ୍ନ ୫ଟାରେ ଏୟାରପୋର୍ଟ ରାସ୍ତାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିବେ। ଏନେଇ କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ ସୂଚନା ଦିଆଯାଇଛି। ଗତ ୧୬ ତାରିଖରୁ କ୍ରୁଟ୍ ପକ୍ଷରୁ ଏହି ଇ-ବସ୍‌ର ପରୀକ୍ଷା ବା ଟ୍ରାଏଲ୍ ରନ୍ ଆରମ୍ଭ କରାଯାଇଥିଲା। ତେବେ ଫୁଲ୍ ଫେଜ୍‌ରେ ବସ୍ ଚାଲିବା ପୂର୍ବରୁ ପ୍ରାଥମିକ ଭାବେ ୧୦ଟି ଇ-ବସ୍ ରାଜଧାନୀର ବିଭିନ୍ନ ମାର୍ଗରେ ଯାତ୍ରା କରିଥିଲା। ଏହା ଗିଅରଲେସ୍ ହୋଇଥିବାବେଳେ ପ୍ରତି ସିଟ୍‌ରେ ଏସି, ସିସିଟିଭି କ୍ୟାମେରା, ୟୁଏସ୍‌ବି ଚାର୍ଜିଂ ପଏଣ୍ଟ ଭଳି ଆଧୁନିକ ଫିଚର୍ ରହିବ।

# ୱାର୍ଡ ସମସ୍ୟା ଜଣାଇଲେ କର୍ପୋରେଟର

## ବିଏମ୍‌ସିର 'ପବ୍ଲିକ୍ ଇଣ୍ଟରଫେସ୍'

**ଭୁବନେଶ୍ୱର,୨୭।୭(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମାଞ୍ଚଳର ୨୪ ନଂ. ୱାର୍ଡ଼ରେ ରାସ୍ତା ଓ ଡ୍ରେନେଜ୍ ବ୍ୟବସ୍ଥା ବ୍ୟତୀତ ୱାର୍ଡ଼ବାସୀ ଅନେକ ସୁବିଧା ଓ ସେବାରୁ ବଞ୍ଚିତ। ପ୍ରାୟ ୨୫ହଜାର ଜନସଂଖ୍ୟା ବିଶିଷ୍ଟ ଏହି ୱାର୍ଡ଼ରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, କମ୍ୟୁନିଟି ସେଣ୍ଟର ନ ଥିବାବେଳେ ଶ୍ମଶାନ ଏବଂ ଜଳାଶୟର ମଧ୍ୟ ପୁନରୁଦ୍ଧାର ଆବଶ୍ୟକତା ରହିଛି। ଏନେଇ ସ୍ଥାନୀୟ କର୍ପୋରେଟର ଦୀପକ କୁମାର ମିଶ୍ର ବିଏମ୍‌ସି 'ପବ୍ଲିକ୍ ଇଣ୍ଟରଫେସ୍' କାର୍ଯ୍ୟକ୍ରମରେ ଅଭିଯୋଗ ରଖିଛନ୍ତି। ବୁଧବାର ୱାର୍ଡ଼-୨୩ ଓ ୱାର୍ଡ଼-୨୪ର କର୍ପୋରେଟରଙ୍କ ସମେତ ବରିଷ୍ଠ ନାଗରିକ, ବିଭିନ୍ନ ଗୋଷ୍ଠୀର ସଭାପତି ଓ ସମ୍ପାଦକ ଯୋଗଦେଇ ନିଜ ନିଜ ଅଞ୍ଚଳର ସମସ୍ୟା ସମ୍ପର୍କରେ ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ସହ ୱାର୍ଡ଼ ଉନ୍ନତୀକରଣ ଦିଗରେ ପରାମର୍ଶ ଦେଇଥିଲେ। ପୃଥକ୍ ପୃଥକ୍ ଭାବେ ଉଭୟ ବୈଠକ ଅନୁଷ୍ଠିତ ହୋଇଥିଲା। ୱାର୍ଡ଼-୨୪ରେ ଷ୍ଟ୍ରିଟ୍ ଲାଇଟର ମଧ୍ୟ ସମସ୍ୟା ଥିବା କର୍ପୋରେଟର ଦର୍ଶାଇଥିଲେ। ତେବେ ଏହାର ତୁରନ୍ତ ସମାଧାନ ପୂର୍ବକ କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଷ୍ଟ୍ରିଟ୍ ଲାଇଟ୍ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିବା କର୍ପୋରେଟର କହିଛନ୍ତି। ବିଏମ୍‌ସି ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେ଼ପୁଟି ମେୟର ମଞ୍ଜୁଲତା କହଁରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ତେବେ ସ୍ୱଚ୍ଛତା ରକ୍ଷାରେ ମେୟର କର୍ପୋରେଟର ଓ ୱାର୍ଡ଼ବାସୀଙ୍କ ସହଯୋଗ କାମନା କରିଥିଲେ।

# ହଟୁଛି ବେଆଇନ ପୋଷ୍ଟର, ସାଇନ୍ ବୋର୍ଡ

## ସ୍ୱଚ୍ଛ ଓ ସୁନ୍ଦର ହେବ ଭୁବନେଶ୍ୱର

**ଭୁବନେଶ୍ୱର,୨୭।୭(ବ୍ୟୁରୋ)**

ସହରକୁ ସ୍ୱଚ୍ଛ ସୁନ୍ଦର କରି ଗଢ଼ିତୋଳିବା ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବିଶେଷକରି ବ୍ୟବସାୟ ସ୍ଥଳରେ ସ୍ୱଚ୍ଛତାରେ ଖିଲାପ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ବିଏମ୍‌ସି। ଲଗାତାର ସହରର ବିଭିନ୍ନ ଦୋକାନ, ମଲ୍, ଫୁଡ୍ ଷ୍ଟଲକୁ ବିଏମ୍‌ସି ପକ୍ଷରୁ ସିଲ୍ କରାଯାଉଛି। ଏହି କ୍ରମରେ ବୁଧବାର ପଟିଆ ଅଞ୍ଚଳରେ ଥିବା ଶୋ'ରୁମ୍ 'ପିଟର ଇଂଲଣ୍ଡ' ସିଲ୍ କରାଯାଇଛି। ଶୋ'ରୁମର ୫ ମିଟର ପରିମିତ ଅଞ୍ଚଳରେ ପରିଚ୍ଛନ୍ନତା ଅଭାବରୁ ଏପରି ପଦକ୍ଷେପ ନିଆଯାଇଛି। ତେବେ ସମ୍ପୃକ୍ତ ଅଞ୍ଚଳ ତୁରନ୍ତ ସଫେଇ କରିବା ସହ ଆଗାମୀ ଦିନରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଏହି ବ୍ୟବସାୟିକ ପ୍ରତିଷ୍ଠାନକୁ ବିଏମ୍‌ସି ପକ୍ଷରୁ ତାଗିଦା କରାଯାଇଛି। ଏଥିସହ କାନ୍ଥବାଡ଼, ଇଲେକ୍ଟ୍ରି ପୋଲ, ଗଛ


ବେଆଇନ ପୋଷ୍ଟରକୁ ହଟାଯାଉଛି।



ପିଟର ଇଂଲଣ୍ଡ ଶୋ'ରୁମ୍‌କୁ ବିଏମ୍‌ସି କର୍ମଚାରୀମାନେ ସିଲ୍ କରୁଛନ୍ତି।

ଆଦିରେ ପୋଷ୍ଟର ଲଗାଇବାକୁ ବାରଣ କରାଯାଇଛି। ଏହି କ୍ରମରେ ୬ ନଂ. ଓ ୭ନଂ. ୱାର୍ଡରୁ ସଫେଇକର୍ମୀ ପୋଷ୍ଟର କାଢ଼ିଦେଇଛନ୍ତି। ସେହିପରି କାନ୍ଥରେ କିମ୍ବା ଗଛରେ ପୋଷ୍ଟର ଲଗାଇଲେ ଭାରି ଜରିମାନା ଦେବାକୁ ପଡ଼ିବ ବୋଲି ବିଏମ୍‌ସି ପକ୍ଷରୁ ଚେତାବନୀ ଦିଆଯାଇଛି। ଏହା ବ୍ୟତୀତ ବେଆଇନ ଭାବେ ଏଣେତେଣେ ହୋର୍ଡିଂ ଲଗାଇବାକୁ ମଧ୍ୟ ବାରଣ ହୋଇଛି। ଜନପଥରେ ନୀଳାଚଳ ହସ୍ପିଟାଲ ପକ୍ଷରୁ ଲଗାଯାଇଥିବା ସାଇନ ବୋର୍ଡ଼କୁ ବିଏମ୍‌ସି ପକ୍ଷରୁ କଢାଯାଇଛି। ସୂଚନାନୁଯାୟୀ, ମଙ୍ଗଳବାର ଉତ୍କଳ କନିକା ଗ୍ୟାଲେରିଆରେ ଚଢ଼ାଉ କରାଯିବା ସହ ୩ଟି ଦୋକାନ ସିଲ୍ କରାଯାଇଥିଲା। ସେହିପରି ନିଗମାଞ୍ଚଳର ଉତ୍ତର ଜୋନ୍‌ର ୬ଟି ଷ୍ଟୋର ବିଏମ୍‌ସି ସିଲ୍ କରିଥିଲା। ଧୃତିଶ୍ରୀ ଏଣ୍ଟରପ୍ରାଇଜେସ୍, ପଞ୍ଚମୁଖୀ ଭେରାଇଟି ଷ୍ଟୋର, ଲ୍ୟାଣ୍ଡମାର୍କ କମ୍ୟୁନିକେଶନ, କ୍ରସ୍ ସେଣ୍ଟର, ଜି ମାର୍ଟ ଭେରାଇଟି ଷ୍ଟୋର ଓ ତାରିଣୀ ଭେରାଇଟି ଷ୍ଟୋରକୁ ପରିମଳରେ ଖିଲାପ କାରଣରୁ ସିଲ୍ କରାଯାଇଛି। ଏହାବ୍ୟତୀତ ସହରର ବିଭିନ୍ନ କାନ୍ଥରେ ଲଗାଯାଇଥିବା ବିଜ୍ଞାପନ ପୋଷ୍ଟରର ସଫେଇ କାର୍ଯ୍ୟ ମଧ୍ୟ ହାତକୁ ନିଆଯାଇଛି।

### 'ପିଟର ଇଂଲଣ୍ଡ' ସିଲ୍

## ସଂକ୍ଷେପରେ

### ସିଦ୍ଧି ବିନା ଶିକ୍ଷା ମୂଲ୍ୟହୀନ

**ବୋଲଗଡ,୨୭।୭(ଡି.ଏନ୍.ଏ.):** ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟ ଶିକ୍ଷା ବିଭାଗ ପକ୍ଷରୁ +୩ ଶେଷ ବର୍ଷ ଶିକ୍ଷା ସମ୍ମାନ ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ବୁଧବାର ଏକ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଗାନ୍ଧୀ କୁମାର ସାହୁ ପୌରୋହିତ୍ୟ କରିଥିଲେ। ପ୍ରାରମ୍ଭରେ ଅଧ୍ୟାପକ ଗଣେଶ ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସିଦ୍ଧି ବିନା ଶିକ୍ଷା ମୂଲ୍ୟହୀନ ଓ ଏହାର ଉପଲବଧି ପାଇଁ ଛାତ୍ରୀଛାତ୍ରଙ୍କୁ କଠିନ ପରିଶ୍ରମର ଆବଶ୍ୟକତା ଅଛି ବୋଲି ମତବ୍ୟକ୍ତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଦାୟୀ ଶିକ୍ଷାର୍ଥୀଙ୍କ ଉଦ୍ଦେଶ୍ୟରେ ବିଦାୟକାଳୀନ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏଥିରେ ବିଭିନ୍ନ ଶ୍ରେଣୀରୁ ଛାତ୍ରୀ ଶ୍ୟାମଲିନ, ସରୋଜିନୀ, ସରିତା, ବୈଶାଖୀ, ବିଜୟଲକ୍ଷ୍ମୀ, ସସ୍ମିତା, ଜ୍ୟୋସ୍ନା ସମେତ ଛାତ୍ର ଅଭିମନ୍ୟୁ ଓ ବିକାଶ ନିଜ ନିଜର ଅନୁଭୂତି ବାଣ୍ଟିଥିଲେ। ଅଧ୍ୟାପକ ରଞ୍ଜନ କୁମାର ଦାଶ ଶିକ୍ଷାର୍ଥୀମାନେ ସମୟାନୁବର୍ତ୍ତୀ ଓ ଶୃଙ୍ଖଳିତ ହେବା ପାଇଁ ପରାମର୍ଶ ଦେଇଥିଲେ। ଶେଷରେ +୩ ଦ୍ୱିତୀୟ ବର୍ଷର ଛାତ୍ରୀ ଇତିଶ୍ରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ୩୩ ର୍ୟାଙ୍କରେ ଶୁଭମ ଶୁଭକଲ୍ୟାଣ ପ୍ରଧାନ



**ଜଟଣୀ,୨୭।୭ (ଡି.ଏନ୍.ଏ.):** ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ପରୀକ୍ଷାର ଫଳ ବୁଧବାର ପ୍ରକାଶ ପାଇଛି। ତେବେ ଏହି ପରୀକ୍ଷାର ୩୩ ର୍ୟାଙ୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି ଜଟଣୀର ଛାତ୍ର। ୨୦୨୨/୩୩ ଶିକ୍ଷାବର୍ଷର ଓଜେଇଇ ପ୍ରବେଶିକା ପରୀକ୍ଷାରେ ସାରା ରାଜ୍ୟରେ ୪୮ ହଜାର ପରୀକ୍ଷାର୍ଥୀ ବିଭିନ୍ନ ବର୍ଗ ପାଇଁ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ଜଟଣୀ ପାତ୍ରପଡା ଅଞ୍ଚଳର ଛାତ୍ର ଶୁଭମ ଶୁଭକଲ୍ୟାଣ ପ୍ରଧାନ ୩୩ ର୍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପୁଅର ସଫଳତାକୁ ନେଇ ବାପା ପଦ୍ମଚରଣ ପ୍ରଧାନ ପୁଅର ଅଧ୍ୟବସାୟ ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମାର୍ଗଦର୍ଶନର ସଫଳ ରୂପାୟନ ବୋଲି କହିବା ସହିତ କୃତଜ୍ଞତା ଜଣାଇଛନ୍ତି।

### ଗୋଲ୍ଡେନ ଫିଜାଣ୍ଟ ମୃତ

**ବାରଙ୍ଗ,୨୭।୭(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନର ପକ୍ଷୀ ସାରଣୀରେ ୭୯ ନମ୍ବର ଏନକ୍ଲୋଜରରେ ରହୁଥିବା ଏକ ଗୋଲ୍ଡେନ ଫିଜାଣ୍ଟ ପକ୍ଷୀର ବୁଧବାର ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ଫିଜାଣ୍ଟ ସମ୍ପୂର୍ଣ୍ଣ ସୁସ୍ଥ ଭାବେ ଏନ୍‌କ୍ଲୋଜର୍‌ରେ ବିଚରଣ କରୁଥିଲା। ହଠାତ୍ ଫିଜାଣ୍ଟଟିର ମୃତ୍ୟୁ ଡାକ୍ତରଙ୍କ ଚିନ୍ତା ବଢାଇଦେଇଛି। ମୃତ୍ୟୁର କାରଣ ଜାଣିବା ପାଇଁ ଫିଜାଣ୍ଟଟିର ବ୍ୟବଚ୍ଛେଦ କରାଯାଇଥିବା କର୍ତ୍ତୃପକ୍ଷଙ୍କଠାରୁ ସୂଚନା ମିଳିଛି। ଅନ୍ୟପଟେ ପକ୍ଷୀ ସାରଣୀରେ ରହୁଥିବା ଏକ ଧଳା ମୟୂର ବେକରେ ମଙ୍ଗଳବାର କ୍ଷତି ସୃଷ୍ଟି ହୋଇଥିବା ଜଣାପଡିଛି।

# ଥଇଥାନ ହେବେ ରାସ୍ତାକଡ଼ ଶିଶୁ

**ଭୁବନେଶ୍ୱର, ୨୭।୭(ବ୍ୟୁରୋ)**

ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏବଂ ୟୁନିସେଫ୍ ସହଯୋଗରେ ବୁଧବାର ସ୍ଥାନୀୟ ଏକ ହୋଟେଲରେ ଶିଶୁ ଅଧିକାର ସୁରକ୍ଷା ନେଇ ଏକ ରାଜ୍ୟସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ରାସ୍ତାକଡ଼ର ଶିଶୁଙ୍କ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ବିଭାଗ ତଥା ସବୁସ୍ତରରେ ସମନ୍ୱୟର ଆବଶ୍ୟକତା ରହିଛି। ବିଭିନ୍ନ ସମୟରେ ଶିଶୁମାନେ ସମ୍ମୁଖୀନ ହେଉଥିବା ସମସ୍ୟା ପ୍ରତି ସମ୍ବେଦନଶୀଳ ହୋଇ ପୋଲିସ ଶୂନ ସହନଶୀଳତା ନୀତି ଗ୍ରହଣ କରିବ ବୋଲି ସେ ପ୍ରକାଶ କରିଥିଲେ। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱରକୁ ଶିଶୁ ମିତ୍ର କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଶ୍ରମ କମିଶନର ଡ. ଏନ୍. ତିରୁମଲ ନାୟକ କହିଲେ, ରାସ୍ତାକଡ଼ର ଶିଶୁଙ୍କ ଥଇଥାନ ଏକାନ୍ତ ଜରୁରୀ। ଏଥିପାଇଁ ବିଭିନ୍ନ ବିଭାଗର ସହଯୋଗ ଆବଶ୍ୟକ ବୋଲି ସେ କହିଥିଲେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶନାମା ଓ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ଦ୍ୱାରା ଜାରି କରାଯାଇଥିବା 'ଦିଶା' ନିର୍ଦ୍ଦେଶ ଉପରେ ଶିଶୁ ସୁରକ୍ଷା ବିଶେଷଜ୍ଞ ପ୍ରଭାତ କୁମାର ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରି ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ରାସ୍ତାକଡ଼ର ଶିଶୁଙ୍କ ବିପଦ ସଂକୁଳତା ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ବିଭିନ୍ନ ବିଭାଗର ସହଯୋଗରେ ଭୁବନେଶ୍ୱରକୁ ଶିଶୁ ମିତ୍ର (ଚାଇଲ୍ଡ ଫ୍ରେଣ୍ଡଲି) କରାଯିବା ସହ ରାସ୍ତାକଡ଼ରେ ଯେପରି କେହି ଶିଶୁ ରହିବେନି, ତାହାକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ଏ ଦିଗରେ ସବୁ ଅନୁଷ୍ଠାନ ଓ ସମାଜର ସବୁବର୍ଗର ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ୟୁନିସେଫ୍ ଶିଶୁ ସୁରକ୍ଷା ବିଶେଷଜ୍ଞ ନେହା ନାଇଡୁ ଶିଶୁମାନେ ରାସ୍ତା ଉପରକୁ ଆସିବାର କାରଣ ସମସ୍ୟା ଉପରେ ଆଲୋଚନା କରିବା ସହିତ ଏହାର ନିରାକରଣ ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ। ବିଏମ୍‌ସିର ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ ଯୋଗଦେଇ ଭୁବନେଶ୍ୱରରେ ଥିବା ରାସ୍ତାକଡ଼ର ଶିଶୁଙ୍କ ଥଇଥାନ ପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଘାସିରାମ ପଣ୍ଡା ପରିଚାଳନା କରିଥିଲେ।




ଶିବିରରେ ଯୋଗଦେଇଥିବା ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ ଓ ଅନ୍ୟ ଅତିଥି।

# ରାଜଧାନୀରେ ଆଉ ଜଣେ ମହିଳାଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର,(ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର, ୨୭।୭ (ଡି.ଏନ.ଏ)**

ପାରିବାରିକ ସମସ୍ୟା ହେଉ ଅବା ଅନ୍ୟକିଛି କାରଣକୁ ନେଇ ରାଜଧାନୀ ଭୁବନେଶ୍ୱରରେ ଲୋକଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢ଼ି ଚାଲିଛି। ଏୟାରଫିଲ୍ଡ ଥାନା ଅଞ୍ଚଳରେ ଗତ ଦୁଇଦିନ ତଳେ ଜଣେ ବିବାହିତ ମହିଳା ବାପଘରେ ଆତ୍ମହତ୍ୟା କରିଥିଲେ। ଏବେ ଆଉଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ସେ ହେଲେ ମହତାବ ରୋଡ୍ ଅଞ୍ଚଳରେ ରହୁଥିବା ସସ୍ମିତା ସେଠୀ (୪୫)।

ବୁଧବାର ସକାଳେ ଘର କବାଟ ଭାଙ୍ଗି ଫ୍ୟାନ୍‌ରେ ଝୁଲୁଥିବା ଅବସ୍ଥାରେ ତାଙ୍କ ମୃତଦେହକୁ ଜବତ କରାଯାଇଛି। ପରେ ପୋଲିସ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏୟାରଫିଲ୍ଡ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୮/୨୨) ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ତେବେ ସସ୍ମିତା କାହିଁକି ଆତ୍ମହତ୍ୟା କଲେ, ଘରେ କିଛି ସମସ୍ୟା ଥିଲା କି, ଏଭଳି ଅନେକ ଦିଗକୁ ନେଇ ପୋଲିସ ଛାନଭିନ୍ କରୁଛି। ଏଥିସହ ତାଙ୍କ ସ୍ୱାମୀଙ୍କୁ ପଚରାଉଚରା କରାଯାଉଛି। ସେହିପରି ମୃତା ସସ୍ମିତାଙ୍କ ନିକଟରୁ ଏକ ଚିଠି ମିଳିଥିବା ଶୁଣାଯାଉଥିଲେ ମଧ୍ୟ ଏୟାରଫିଲ୍ଡ ଥାନା ପୋଲିସ ସେପରି କିଛି ମିଳି ନ ଥିବା କହିଛି।

ସୂଚନା ଅନୁଯାୟୀ, ସସ୍ମିତାଙ୍କ ସ୍ୱାମୀ ୱାଟ୍‌କୋରେ କାମ କରନ୍ତି। ତାଙ୍କର ଦୁଇଜଣ ପିଲା ଅଛନ୍ତି। ବୁଧବାର ସକାଳେ ପ୍ରଫୁଲ ଅଫିସ୍ ଚାଲିଯାଇଥିଲେ। ଏହାପରେ ସସ୍ମିତା ଘର ଫ୍ୟାନରେ ଲୁଗା ସାହାଯ୍ୟରେ ଝୁଲିପଡ଼ିଥିବା ଅନୁମାନ କରାଯାଉଛି। ତେବେ ଦିନ ୧୧ଟା ପର୍ଯ୍ୟନ୍ତ ତାଙ୍କ ଘର କବାଟ ବନ୍ଦ ଥିବା ଦେଖି ପଡ଼ୋଶୀମାନେ ସନ୍ଦେହ କରିଥିଲେ। ଏନେଇ ସେମାନେ ତାଙ୍କ ସ୍ୱାମୀଙ୍କୁ ଫୋନ୍ କରି ଜଣାଇଥିଲେ। ସେ ଘରକୁ ଫେରି କବାଟ ଭାଙ୍ଗିବା ପରେ ସସ୍ମିତା ଫ୍ୟାନରେ ଝୁଲୁଥିବା ଦେଖିଥିଲେ। ସଙ୍ଗେସଙ୍ଗେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ଗତ ୬ ମାସ ଭିତରେ ଭୁବନେଶ୍ୱରରେ ୧୦ରୁ ଊର୍ଦ୍ଧ୍ୱ ଆତ୍ମହତ୍ୟା ଘଟଣା ଘଟିଛି। ମଡେଲ ସୌମ୍ୟ ରଞ୍ଜନଙ୍କଠାରୁ ଅଭିନେତା ରାଇମୋହନ ପରିଡ଼ା, ବିଜେବି ଛାତ୍ରୀ ରୁଚିକା ମହାନ୍ତି, ଟେଲି ଅଭିନେତ୍ରୀ ରଶ୍ମିରେଖାଙ୍କ ଆତ୍ମହତ୍ୟା ଘଟଣା ଚର୍ଚ୍ଚାରେ ରହିଆସିଛି।

# ବୋଲଗଡ଼ରେ ପାସ୍ ହାର ଶତପ୍ରତିଶତ

**ବୋଲଗଡ,୨୭।୭(ଡି.ଏନ୍.ଏ.)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ କଲେଜ (ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ )ର ବିଜ୍ଞାନ ଓ ବାଣିଜ୍ୟ ବିଭାଗର ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଥିବା ବେଳେ ବୋଲଗଡ଼ ବ୍ଲକ ଅଞ୍ଚଳରେ ୩ଟି କଲେଜରୁ ପରୀକ୍ଷା ଦେଇଥିବା ସମସ୍ତ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ଏଥିରେ ବୋଲଗଡ଼ ପରମାନନ୍ଦ କଲେଜ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଉକ୍ତ କଲେଜରୁ ବିଜ୍ଞାନ ବିଭାଗରେ ପ୍ରଥମ ଶ୍ରେଣୀରେ ୨୫ଜଣ ଏବଂ ଦ୍ୱିତୀୟ ଶ୍ରେଣୀରେ ୩ଜଣ ପାସ୍ କରିଥିବା ବେଳେ ଏହି କଲେଜର ଛାତ୍ର ସୁନୀଲ କୁମାର ରାଉତ ୫୨୦ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି।

ତେବେ ଏହି କଲେଜରେ ପ୍ରଶାନ୍ତ କୁମାର ସାହୁ ୫୧୭ ନମ୍ବର ଏବଂ ଶୁଭଶ୍ରୀ ଉଷଶୀ ସାହୁ ୫୦୨ ନମ୍ବର ପାଇ ଯଥାକ୍ରମେ କଲେଜର ମେଧାବୀ ତାଲିକାରେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଛନ୍ତି। ସମସ୍ତ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀଙ୍କୁ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ବାଙ୍କୋଇ କେପିଏଏନ୍ ଯୁକ୍ତ ୨ କଲେଜରୁ ବିଜ୍ଞାନ ବିଭାଗରେ ୧୧ଜଣ ପ୍ରଥମ ଶ୍ରେଣୀରେ ଏବଂ ଦ୍ୱିତୀୟ ଶ୍ରେଣୀରେ ୩ଜଣ ପାସ କରିଥିବା ବେଳେ ବିଜ୍ଞାନ ବିଭାଗରେ ୪୩୮ନମ୍ବର ରଖି ରମାକାନ୍ତ ଖଟାଇ ଟପ୍ପର ହୋଇଛନ୍ତି। ବାଣିଜ୍ୟ ବିଭାଗରେ ପ୍ରଥମ ଶ୍ରେଣୀରେ ୬ଜଣ ଦ୍ୱିତୀୟ ଶ୍ରେଣୀରେ ଜଣେ ଓ ତୃତୀୟ ଶ୍ରେଣୀରେ ଜଣେ ପାସ୍ କରିଥିବାର ଅଧ୍ୟକ୍ଷ ପ୍ରଦୀପ କୁମାର ରାଉତ ସୂଚନା ଦେଇ ସମସ୍ତ ପାସ କରିଥିବା ଛାତ୍ରୀଛାତ୍ରଙ୍କୁ ଶୁଭକାମନା ଜଣାଇଛନ୍ତି। ଏହିପରି ଦେଉଳିସ୍ଥିତ ରଘୁନାଥ ଜୁନିୟର କଲେଜରୁ ବିଜ୍ଞାନ ବିଭାଗରେ ୧୧ଜଣ ପ୍ରଥମ ଶ୍ରେଣୀରେ ଏବଂ ୮ ଜଣ ଦ୍ୱିତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ୪୪୩ ନମ୍ବର ପାଇ ସୁମିତ୍ରା ସ୍ୱାଇଁ ଉକ୍ତ କଲେଜର ଟପ୍ପର ହୋଇଛନ୍ତି ବୋଲି ଅଧ୍ୟକ୍ଷ ଡ. ତପନ କୁମାର ଜେନା ସୂଚନା ଦେବା ସହ ସମସ୍ତ ଛାତ୍ରୀଛାତ୍ରଙ୍କ ଉତ୍ତୋରତ୍ତର ଶିକ୍ଷାର ବିକାଶ ପାଇଁ ଶୁଭକାମନା ଜଣାଇଛନ୍ତି।

## ପ୍ରାଣନାଥରେ ବିଜ୍ଞାନ ୯୮%, ବାଣିଜ୍ୟରେ ୯୪% ପାସ୍ ହାର

**ଖୋର୍ଦ୍ଧା ଅଫିସ:** ଯୁକ୍ତଦୁଇ ବିଜ୍ଞାନ ଓ ବାଣିଜ୍ୟ ରେଜଲ୍ଟ ବୁଧବାର ପ୍ରକାଶ ପାଇଥିବାବେଳେ ଖୋର୍ଦ୍ଧାର ପ୍ରାଣନାଥ ମହାବିଦ୍ୟାଳୟର ଛାତ୍ରୀଛାତ୍ରୀଙ୍କ ପାସ୍‌ହାର ବିଜ୍ଞାନରେ ୯୮% ଏବଂ ବାଣିଜ୍ୟରେ ୯୪% ରହିଥିବା କଲେଜ ସୂତ୍ରରୁ ସୂଚନା ଦିଆଯାଇଛି। ଏହି ମହାବିଦ୍ୟାଳୟର +୨ ବିଜ୍ଞାନରେ ରେଗୁଲାର ୪୯୮ ଛାତ୍ରୀଛାତ୍ରୀ ପରୀକ୍ଷା ପାଇଁ ଆବେଦନ କରିଥିଲେ। ସେଥିରୁ ୪୮୯ଜଣ ଛାତ୍ରୀଛାତ୍ର ପରୀକ୍ଷାରେ ପାସ୍ କରିଛନ୍ତି। ସେଥିମଧ୍ୟରୁ ୪୨୮ଜଣ ପ୍ରଥମ, ୫୪ଜଣ ଦ୍ୱିତୀୟ ଏବଂ ୭ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ଏଠାରେ ୬ଜଣ ଫେଲ୍ ହୋଇଥିବାବେଳେ ୩ଜଣ ପରୀକ୍ଷାରେ ଅନୁପସ୍ଥିତ ଥିଲେ। ଏକ୍ସ-ରେଗୁଲାର ୪ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩ଜଣ ପାସ କରିଥିବାବେଳେ ଜଣେ ଫେଲ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣ ପ୍ରଥମ ଶ୍ରେଣୀଶ, ଜଣେ ଦ୍ୱିତୀୟ ଶ୍ରେଣୀରେ ଅଛନ୍ତି। ସେହିପରି ବାଣିଜ୍ୟରେ ରେଗୁଲାର ୩୩୮ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଆବେଦନ କରିଥିଲେ। ୩୧୮ଜଣ ଛାତ୍ରୀଛାତ୍ର ପରୀକ୍ଷାରେ ପାସ କରିଛନ୍ତି। ତନ୍ମଧ୍ୟରୁ ୨୦୧ଜଣ ପ୍ରଥମ, ୮୪ଜଣ ଦ୍ୱିତୀୟ, ୩୩ଜଣ ତୃତୀୟ ଶ୍ରେଣୀ ପାଇଛନ୍ତି। ଏକ୍ସରେଗୁଲାର ୫ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫ଜଣ ଫେଲ ହୋଇଛନ୍ତି ।

ସେହିପରି ମହିଳା ମହାବିଦ୍ୟାଳୟରେ ବାଣିଜ୍ୟ ବିଭାଗରେ ୧୪ଜଣ ଛାତ୍ରୀଙ୍କ ମଧ୍ୟରୁ ୪ଜଣ ପ୍ରଥମ ଏବଂ ୯ଜଣ ତୃତୀୟ ଶ୍ରେଣୀରେ ପାସ କରିଥିବାବେଳେ ଜଣେ ଫେଲ ହୋଇଛନ୍ତି। ୪୬୯ ନମ୍ବର ଅର୍ଥାତ୍ ୭୮.୧୭% ରଖି ତୁଳସୀ ସାହୁ କଲେଜ ଟପ୍ପର ହୋଇଥିବା ପ୍ରିନ୍ସିପାଲ ବିଜୟ ଲକ୍ଷ୍ମୀ ଦାସ ସୂଚନା ଦେଇଛନ୍ତି । ହଳଦିଆ କଲେଜରେ +୨ ବିଜ୍ଞାନରେ ୧୧ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪ଜଣ ପ୍ରଥମ, ୨ଜଣ ଦ୍ୱିତୀୟ, ୫ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। ବାଣିଜ୍ୟରେ ୯ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୯ଜଣ ପାସ କରିଥିବାବେଳେ ଜଣେ ପ୍ରଥମ, ୨ଜଣ ଦ୍ୱିତୀୟ, ୬ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି ବୋଲି ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ର ସୂଚନା ଦେଇଛନ୍ତି ।

# ଡକାୟତି ଉଦ୍ୟମ, ୫ ଗିରଫ

## ଟଙ୍କା, କଟୁରି, ଛୁରି, ଲଙ୍କାଗୁଣ୍ଡ ଜବତ



ଜବତ ସାମଗ୍ରୀ ଓ ଗିରଫ ୫ ଅଭିଯୁକ୍ତ।

**ଭୁବନେଶ୍ୱର(ବ୍ୟୁରୋ)/ଜଟଣୀ, ୨୭।୭(ଡି.ଏନ୍.ଏ.)**

ଜଟଣୀ ଥାନା ପୋଲିସ ଏକ ବଡ଼ଧରଣର ଡକାୟତି ଉଦ୍ୟମକୁ ପଣ୍ଡ କରିଛି। ଏଥିସହ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନନ୍ଦୁ ଓରଫ ଅଜୟ ନାଏକ (୨୫), ନିସାର ଖାନ (୪୬), ରାଜା ଓରଫ ଅମିର ଖାନ (୩୪), ସୋନୁ ଓରଫ ଅମିର ଖାନ (୩୨) ଓ ରଘୁଆ ଓରଫ ସହଦେବ ନାୟକ (୨୧)। ସେମାନଙ୍କଠାରୁ ନଗଦ ୪ ହଜାର ଟଙ୍କା, ଗୋଟିଏ କଟୁରି, ୪ ଛୁରି ଓ ୩ ପ୍ୟାକେଟ ଲଙ୍କା ଗୁଣ୍ଡ ଜବତ କରାଯାଇଛି। ଏନେଇ ପୋଲିସ ଏକ ମାମଲା (ନଂ ୨୭୩/୨୨) ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୂର୍ବରୁ ଅଭିଯୁକ୍ତ ନନ୍ଦୁଙ୍କ ନାମରେ ଜଟଣୀ ଥାନାରେ ୨୫, ସୋନୁଙ୍କ ନାମରେ ଖୋର୍ଦ୍ଧା ଆଦର୍ଶ ଥାନାରେ ୨ ଓ ଜଟଣୀ ଥାନାରେ ଗୋଟିଏ ମାମଲା ରହିଥିବାବେଳେ ରଘୁଆ ନାମରେ ଜଟଣୀ, ଲକ୍ଷ୍ମୀସାଗର ଓ ଏୟାରପୋର୍ଟ ଥାନାରେ ଗୋଟିଏ ଲେଖାଏ ଚୋରି, ଲୁଟ୍ ଓ ଆପରାଧିକ ମାମଲା ରହିଛି। ଅଭିଯୁକ୍ତମାନେ ଅଭ୍ୟାସଗତ ଭାବେ ଅପରାଧରେ ସଂପୃକ୍ତ ଥିବାରୁ ସେମାନଙ୍କ ବିରୋଧରେ ସିଆର୍‌ପିସି-୧୧୦ ଅନୁସାରେ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପୋଲିସ କହିଛି।

ପୋଲିସ ସୂଚନାନୁଯାୟୀ, ଅଭିଯୁକ୍ତମାନେ ସାଧାରଣତଃ ମାରଣାସ୍ତ୍ର ଦେଖାଇ ଲୁଟ୍‌ଠାରୁ ଆରମ୍ଭ କରି ଡକାୟତି କରିଥାନ୍ତି। ଏପରିକି ବୋମା ମାଡ଼ କରି ଡକାୟତି କରିଥିବା ନେଇ ଅଭିଯୋଗ ରହିଛି। ତେବେ ସ୍ଥାନୀୟ ଅଞ୍ଚଳରେ ଏକ ବଡ଼ ଧରଣର ଡକାୟତି ପାଇଁ ଷଣ୍ଢପୁର ଫାୟାର ଷ୍ଟେଶନ ରୋଡ୍‌ରୁ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ମଧ୍ୟବର୍ତ୍ତୀ ମାଙ୍କଡା ପଥର ଖଣି ନିକଟରେ ଥିବା ଏକ ପରିତ୍ୟକ୍ତ ଘରେ ବସି ଯୋଜନା କରୁଥିଲେ। ଖବର ମିଳିବା ପରେ ଜଟଣୀ ଥାନା ପୋଲିସ ଟିମ୍ ରାତି ୧ଟା ୧୫ରେ ସେଠାରେ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲା। ଏହି ଗ୍ୟାଙ୍ଗରେ ଆହୁରି ବହୁ ସଦସ୍ୟ ରହିଛନ୍ତି। ସେମାନଙ୍କୁ ଧରିବା ଲାଗି ଉଦ୍ୟମ ଚଳାଇଛି ପୋଲିସ ।

# ୧୦ ଗ୍ରାମ ବ୍ରାଉନସୁଗାର ଜବତ, ଦମ୍ପତି ଗିରଫ

**ଖୋର୍ଦ୍ଧା ଅଫିସ,୨୭।୭**

ଆଦର୍ଶ ଥାନା ପୋଲିସ ସ୍ଥାନୀୟ ସାମନ୍ତରାପୁର ସ୍ୱପ୍ନେଶ୍ୱର ସାହିରେ ଚଢାଉ କରି ବ୍ରାଉନସୁଗାର ବେପାର କରୁଥିବା ଦମ୍ପତଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ ପଞ୍ଚୁ ସାହୁ ଓ ତାଙ୍କ ସ୍ତ୍ରୀ ସତ୍ୟଭାମା ସାହୁ। ପୋଲିସ ସେମାନଙ୍କ ଠାରୁ ୧୦ଗ୍ରାମ ବ୍ରାଉନସୁଗାର ଓ ନଗଦ ୨୫ହଜାର ୪୩୦ ଟଙ୍କାକୁ ଜବତ କରିଛି। ଜବତ ବ୍ରାଉନସୁଗରର ମୂଲ୍ୟ ୧ଲକ୍ଷ ହେବ ବୋଲି ଡିଏସ୍‌ପି ତଥା ଭାରପ୍ରାପ୍ତ ଥାନା ଅଧିକାରୀ ସଞ୍ଜୟ ପଟ୍ଟନାୟକ ସୂଚନା ଦେଇଛନ୍ତି। ପୋଲିସ ଏକ ମାମଲା(ନଂ.୩୫୭/୨୨) ରୁଜୁକରି ତଦନ୍ତ ଚଳାଇଛି। ପ୍ରକାଶ ଥାଉକି, ସାମନ୍ତରାପୁର ଅଞ୍ଚଳରେ ଦୀର୍ଘଦିନ ହେବ ବ୍ରାଉନସୁଗାର କାରାବାର ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ତେବେ ଉକ୍ତ ଦମ୍ପତି ଏହି କାରବାର ଚଳାଉଥିବା ପୋଲିସ ବିଶେଷ ସୂତ୍ରରୁ ଜାଣିବାକୁ ପାଇଥିଲା। ବୁଧବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ସଞ୍ଚୁଙ୍କ ଘରରେ ଚଢାଉ କରିଥିଲେ। ଚଢ଼ାଉରେ ଘରେ ବ୍ରାଉନସୁଗାର ଥିବାବେଳେ ଦମ୍ପତିଙ୍କୁ ଗିରଫ କରିଥିଲେ।



# ଟିକା ପାଇଁ ଖରାରେ ଠିଆ ହୋଇ ଜନଅସନ୍ତୋଷ

**ନିରାକାରପୁର,୨୭।୭(ଡି.ଏନ୍.ଏ.)**

ରାଜ୍ୟରେ ଏବେ କରୋନା ସଂକ୍ରମଣ ସଂଖ୍ୟା ବଢୁଥିବାରୁ ପ୍ରଶାସନ ପକ୍ଷରୁ ଦ୍ୱିତୀୟ ପରେ ଏବେ ବୁଷ୍ଟର ଡୋଜ ସମସ୍ତଙ୍କୁ ନେବା ପାଇଁ କୁହାଯାଇଛି। ସରକାରୀ ନିୟମ ଅନୁସାରେ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ମାଗଣାରେ ବୁଷ୍ଟର ଡୋଜ ଦେବା ପାଇଁ ନିର୍ଦ୍ଦେଶ ରହିଛି। ହେଲେ ନିରାକାରପୁର ଅଞ୍ଚଳରେ ଥିବା ମେଡିକାଲରେ ବୁଧବାର ଟିକା ନେବାକୁ ଆସିଥିବା ଲୋକମାନେ ଖରା ହେଉଥିବା ବେଳେ ଦୀର୍ଘ ସମୟ ଧରି ଲାଇନ୍‌ରେ ଠିଆ ହୋଇଥିଲେ। ମେଡିକାଲ ପକ୍ଷରୁ ଖରାରୁ ବର୍ତ୍ତିବା ପାଇଁ ଜରିପାଲ କିମ୍ବା ଟେଣ୍ଟର ବ୍ୟବସ୍ଥା କରାଯାଇ ନ ଥିବାରୁ ଲୋକେ ଖରାରେ ଠିଆ ହୋଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ ଟିକା କେତେ ସମୟ ପର୍ଯ୍ୟନ୍ତ ଦିଆଯିବ ତାହା ମଧ୍ୟ ବୋର୍ଡ ଦ୍ୱାରା ଲେଖା ହୋଇ ନ ଥିବାରୁ ଲୋକେ ଜାଣିପାରି ନ ଥିଲେ। ଏପରିକି କେତେଜଣ ଲୋକ ଅଧିକ ଖରା ହେଉଥିବାର ଟିକା ନ ନେଇ ଅଧାରୁ ଫେରି ଯାଇଥିବା ଦେଖିବାକୁ ମିଳିଛି। ଯଦି ବୁଧବାର କେତେ ଟିକା ଆସିଲା ସେନେଇ ନୋଟିସ ଲଗାଯାଇଥିଲେ, ଏତେ ଅସୁବିଧା ହୋଇ ନ ଥାନ୍ତା ବୋଲି ଅଭିଯୋଗ ହେଉଛି। ଏ ନେଇ ଟିକାକରଣ ଦାୟିତ୍ୱରେ ଥିବା କର୍ମଚାରୀ ତପନ କୁମାର ମାଣ୍ଟୁ କହିଛନ୍ତି, ଟେଣ୍ଟ କରି ଜରିପାଲ ପକାଇବା ବ୍ଲକ ପ୍ରଶାସନର ଦାୟିତ୍ୱ। ବ୍ଲକ ପକ୍ଷରୁ ଏ ନେଇ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଆଉ ନୋଟିସ୍ କଥା ଉପରିସ୍ଥ ଅଧିକାରୀଙ୍କୁ ଜଣାଇବି ବୋଲି କହିଛନ୍ତି।



ନିରାକାରପୁର ମେଡିକାଲରେ ଟିକା ନେବା ପାଇଁ ଲୋକେ ଖରାରେ ଲାଇନ୍‌ରେ ଠିଆ ହୋଇଛନ୍ତି।

# 'ଶକ୍ତି କ୍ଷେତ୍ରରେ ଦେଶର ଉପଲବ୍ଧିକୁ ସାମ୍ନାକୁ ଆଣିବା'

**ଖୋର୍ଦ୍ଧା ଅଫିସ,୨୭।୭**

ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜାଦି କା ଅମୃତ ମହୋତ୍ସବ ପାଳନ କରାଯାଉଛି। ଏହି ଅବସରରେ ଭାରତ ସରକାର ଶକ୍ତି ମନ୍ତ୍ରାଳୟ ଏବଂ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନ ସମେତ ସ୍ଥାନୀୟ ଜୟୀରାଜଗୁରୁ ଭବନ(ଟାଉନ ହଲ୍)ରେ ବୁଧବାର ଉଜ୍ଜ୍ୱଳ ଭାରତ- ଉଜ୍ଜ୍ୱଳ ଭବିଷ୍ୟତ ଶକ୍ତି ସମାରୋହ ଆୟୋଜିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଖୋର୍ଦ୍ଧା ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ଜଟଣୀ ପୌରାଧକ୍ଷ ଅନନ୍ତ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶକ୍ତି କ୍ଷେତ୍ରରେ ଦେଶର ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧିକୁ ଲୋକଲୋଚନକୁ ଆଣିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଶକ୍ତିର ଆବଶ୍ୟକତା ସମ୍ପର୍କରେ ସାଧାରଣ ଜନତାଙ୍କୁ ସଚେତନ କରାଯିବା ସହ ସ୍ୱାଧୀନତା ପରେ ବିଦ୍ୟୁତ୍ ଶକ୍ତି କ୍ଷେତ୍ରରେ ହୋଇଥିବା ପ୍ରଗତି ବିଷୟରେ ସୂଚନା ଦିଆଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଟିପିସିଓଡିଏଲ, ଏନ୍‌ଟିପିସି,ଏବଂ ଓପିଟିସିଏଲ ମାଧ୍ୟମରେ ବିଦ୍ୟୁତ୍ ବିଭାଗ କ୍ଷେତ୍ରରେ ପ୍ରମୁଖ ସଫଳତାକୁ ଆଲୋକିତ କରିବା ପାଇଁ ଏହି ମହୋତ୍ସବ ଜନତାଙ୍କ ପ୍ଲାଟଫର୍ମ ଭାବେ ବ୍ୟବହୃତ ହୋଇଥିଲା। ତେବେ ୧୬୯ ଜିଗାୱାଟ, ଉତ୍ପାଦନ କ୍ଷମତା, ୧-୬ ଲକ୍ଷ କିମି ଟ୍ରାନ୍ସମିଶନ ଲାଇଟ ସଂଯୋଗୀକରଣ ,୧୦୦ ପ୍ରତିଶତ ଘରୋଇ ବିଦ୍ୟୁତକରଣ କରାଯାଇଥିବା ସଂକ୍ରାନ୍ତରେ ବହୁ ତଥ୍ୟ ଅତିଥିମାନେ କହିଥିଲେ। ଏହି ଅବସରରେ ବିଦ୍ୟୁତ୍ ଶକ୍ତି ସଂରକ୍ଷଣ, ଉପଭୋକ୍ତା ଅଧିକାର, ପ୍ରତ୍ୟେକ ଘରକୁ ବିଦ୍ୟୁତ୍ ସଂଯୋଗ ଭବିଷ୍ୟତ ପାଇଁ ଶକ୍ତି ସଂରକ୍ଷଣ ଏବଂ ଅକ୍ଷୟ ଶକ୍ତି ଉତ୍ସ ସମ୍ପର୍କରେ ଉପଭୋକ୍ତାମାନଙ୍କୁ ସଚେତନତା କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ସମାରୋହରେ ଉପସ୍ଥିତ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଏବଂ ଅନ୍ୟ ଅତିଥି।

## ଉଜ୍ଜ୍ୱଳ ଭାରତ ଉଜ୍ଜ୍ୱଳ ଭବିଷ୍ୟତ ଶକ୍ତି ସମାରୋହ




୨୭।୭।୨୦୨୨

| | |
|---|---|
| ୪,୨୫,୨୯୭ ଟଙ୍କା | |
| ସୁନା | ୨.୨୦୦ଗ୍ରାମ |
| ରୁପା | ୬୬.୪୫୦ ଗ୍ରାମ |

# ବିମାନବନ୍ଦର ଜମି ଅଧିଗ୍ରହଣ ନେଇ ଆଲୋଚନା

**ପୁରୀ ଅଫିସ,୨୭।୭**



ଜିଲାପାଳ ସମର୍ଥ ବର୍ମାଙ୍କ ସହ ଇଡ୍‌କୋ ଟିମ୍‌ର ସଦସ୍ୟମାନେ ଆଲୋଚନା କରୁଛନ୍ତି।

■ ଜିଲାପାଳଙ୍କୁ ଭେଟିଲା ଇଡ୍‌କୋ ଟିମ୍

■ ଉପକୂଳ ନିୟନ୍ତ୍ରିତ ଜୋନ୍‌ରେ ପ୍ରସ୍ତାବିତ ଜମି

ପୁରୀରେ ଗ୍ରୀନ୍ ଫିଲ୍ଡ ବିମାନବନ୍ଦର ହେବ। ଏନେଇ ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଏଆଇ) ଏକ ମଲ୍ଟି ଡିସପ୍ଲିନାରି ଟିମ୍ ଗତବର୍ଷ ଜୁନ୍‌ରେ ପୁରୀ ଆସି ସିପସରୁବାଲି ଅଞ୍ଚଳରେ ପ୍ରସ୍ତାବିତ ବିମାନବନ୍ଦର ସ୍ଥାନ ଚିହ୍ନଟ କରିଥିଲେ। ଟିମ୍‌ର ଗସ୍ତ ରିପୋର୍ଟ ଗତ ଅଗଷ୍ଟ ୫ରେ ରାଜ୍ୟ ସରକାରଙ୍କ ହସ୍ତଗତ ହୋଇଥିଲା। ବୁଧବାର ଇଡ୍‌କୋର ଏକ ତିନିଜଣିଆ ଟିମ୍ ପୁରୀ ଆସି ଜମି ଅଧିଗ୍ରହଣ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମାଙ୍କ ସହ ଆଲୋଚନା କରିଛନ୍ତି। ଜଙ୍ଗଲ ଓ ପରିବେଶଗତ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଛି। ସେହିଭଳି ପ୍ରସ୍ତାବିତ ଜମି ଉପକୂଳ ନିୟନ୍ତ୍ରିତ ଜୋନ୍ ମଧ୍ୟରେ ଆସୁଛି। ପ୍ରସ୍ତାବିତ ବିମାନବନ୍ଦର ପାଇଁ ପ୍ରାୟ ୧୫ ଶହ ଏକର ଜମି ଚିହ୍ନଟ ହୋଇଥିବାବେଳେ ପାଖାପାଖି ୧୨ ଶହ ଏକର ଜମି ଅଧିଗ୍ରହଣ ହୋଇସାରିଛି। ବଳକା ଜମି ଅଧିଗ୍ରହଣକୁ ନେଇ ସମସ୍ୟା ରହୁଛି। କିଭଳି ଜମି ଅଧିଗ୍ରହଣ ତୁରନ୍ତ ଶେଷ କରାଯାଇ ବିମାନବନ୍ଦର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ତାହା ଉପରେ ପ୍ରଶାସନ ଗୁରୁତ୍ୱ ଦେଉଛି। ସୂଚନା ଅନୁଯାୟୀ, ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ ପରାମର୍ଶକୁ ଭିତ୍ତି କରି ଆବଶ୍ୟକ ସର୍ଭେ ପାଇଁ ରାଜ୍ୟ ସରକାର ୧୭ ଲକ୍ଷ ୧୧ ହଜାର ଟଙ୍କା ମଞ୍ଜୁର କରିଥିଲେ। ଏହି ଅର୍ଥ ପାଇବା ପରେ ଡିଆର୍‌ଏସ୍ ନାମକ ସ୍ୱୀକୃତିପ୍ରାପ୍ତ ସଂସ୍ଥା ଦ୍ୱାରା ଭୂତଳ ସର୍ଭେ ସହ ପ୍ରସ୍ତାବିତ ସ୍ଥାନ ଯାଞ୍ଚ କରାଯାଇଥିଲା। ଏଥିସହ ଏରୋଡ୍ରମ୍ ସର୍ଭେ, ପ୍ରସ୍ତାବିତ ବିମାନ ଅବତରଣ ସ୍ଥାନ, ବିମାନବନ୍ଦର ନିୟନ୍ତ୍ରଣ କକ୍ଷ, ନକ୍ସା ପ୍ରସ୍ତୁତି, ଗାଡ଼ି, ପାର୍କିଂ, ବିମାନ ବିଶ୍ରାମସ୍ଥଳ ଚିହ୍ନଟ କରାଯାଉଛି। ଜିଲାପାଳ ବର୍ମା କହିଛନ୍ତି, ସ୍ଥାନ ଚିହ୍ନଟ ସରିଛି। ସରକାରୀ ଓ ବେସରକାରୀ ଜମି ଚିହ୍ନଟ କରାଯାଇଛି। ଜମି ଅଧିଗ୍ରହଣ ଚାଲିଛି। ସମସ୍ତ ସରକାରୀ ନିର୍ଦ୍ଦେଶାନାମାକୁ ଦୃଷ୍ଟିରେ ରଖି ବିମାନବନ୍ଦର କାର୍ଯ୍ୟ ଆଗକୁ ବଢୁଛି। ଇଡ୍‌କୋ ଟିମ୍ ଯାନ୍ତ୍ରିକ ସମସ୍ୟା ବିଷୟରେ ଆଲୋଚନା କରିବାକୁ ଆସିଥିଲେ। ତାଙ୍କୁ ସବୁ ପ୍ରକାର ତଥ୍ୟ ସମ୍ପର୍କିତ ସୂଚନା ଦିଆଯାଇଛି। ବିମାନବନ୍ଦର ନିର୍ମାଣ ଲାଗି କୌଣସି ପ୍ରତିବନ୍ଧକ ନାହିଁ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ବିମାନବନ୍ଦର କାର୍ଯ୍ୟ ଜୋର୍‌ସୋର୍‌ରେ ଆଗେଇଥିବାରୁ ପୁରୀ ସହରବାସୀ ଏହାକୁ ସ୍ୱାଗତ କରିଛନ୍ତି।

## ପୂର୍ବ ଶତ୍ରୁତାରୁ ବୃଦ୍ଧଙ୍କୁ ଆକ୍ରମଣ

**କଣାସ,୨୭।୭(ସ୍ୱ.ପ୍ର.)**

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକ ବୃଦ୍ଧଙ୍କୁ ଭୁଜାଲିରେ ଆକ୍ରମଣ କରିଛନ୍ତି। ସେନେଇ ବୃଦ୍ଧ ଜଣଙ୍କ ବୁଧବାର କଣାସ ଥାନାରେ ଅଭିଯୋଗ କରିଛନ୍ତି। ସେ ହେଲେ କଣ୍ଟାବଣିଆ ଗ୍ରାମର ଦୁର୍ଗାଚରଣ ଜଗଦେବ(୭୧)। ଏନେଇ ଥାନା ଭାରପ୍ରାପ୍ତ ଅଧିକାରୀ ଗୌରୀଚରଣ ସେଠୀ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ଅଭିଯୋଗ ମୁତାବକ, ଦୁର୍ଗାଚରଣ ଓ ତାଙ୍କ ଭାଇ କୌଣସି ଏକ କାର୍ଯ୍ୟରେ ବାଇକ୍ ଯୋଗେ ତାଙ୍କ ଗ୍ରାମରୁ କଣାସ ଅଭିମୁଖେ ଯାଉଥିଲେ। ଏହାର ସୂଚନା ପାଇ ଛୋଟିଯୋଡି ଗ୍ରାମର ବିଭୁପ୍ରସାଦ ବୈରୀଗଞ୍ଜନ ବଡପୁଟ ଛକ ନିକଟରେ ତାଙ୍କୁ ଛକିଥିଲେ। ସେଠାରେ ଦୁର୍ଗାଚରଣଙ୍କ ବାମ ହାତକୁ ଭୁଜାଲିରେ ଆକ୍ରମଣ କରିଥିବାରୁ ସେ ଗାଡିରୁ ଗଳି ପଡିଥିଲେ। ସେହି ସମୟରେ ବିଭୁପ୍ରସାଦ ବୃଦ୍ଧଙ୍କୁ ବିଧା, ଗୋଇଠା ମାରିଥିଲେ। ଏହା ଦେଖି ଲୋକେ ପାଟିକରି ଦୌଡି ଆସିବାରୁ ବିଭୁପ୍ରସାଦ ସେଠାରୁ ପଳାଇଥିଲେ। କୌଣସି ଏକ ଘଟଣାକୁ ନେଇ ପୂର୍ବରୁ ଦୁର୍ଗାଚରଣ ଏବଂ ବିଭୁପ୍ରସାଦଙ୍କ ମଧ୍ୟରେ ବଚସା ହୋଇଥିଲା।

## ସଂକ୍ଷେପରେ

### ରାସ୍ତା, ଡ୍ରେନ୍ କାମ ନିମ୍ନମାନର ଅଭିଯୋଗ

**ପୁରୀ ଅଫିସ, ୨୭।୭:** ସିଦ୍ଧବକୁଳ ଲେନ୍‌ରେ ରାସ୍ତା ଓ ଡ୍ରେନ୍ କାର୍ଯ୍ୟ ନିମ୍ନମାନର ହୋଇଥିବା ସାହିବାସିନ୍ଦା ଅଭିଯୋଗ ଆଣି ତଦନ୍ତ ଦାବି କରିଛନ୍ତି। ଏ ନେଇ ସେମାନେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ସାହିବାସିନ୍ଦା ଅଭିଯୋଗରେ ଦର୍ଶାଇଛନ୍ତି, ୧୦ନମ୍ବର ୱାର୍ଡ ଅନ୍ତର୍ଗତ ସିଦ୍ଧବକୁଳ ଲେନର ରାସ୍ତା ଓ ଡ୍ରେନ୍ ନିର୍ମାଣ ଲାଗି ପ୍ରଶାସନ ପକ୍ଷରୁ ଠିକାଦାରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଠିକାଦାର ନିମ୍ନମାନର କାର୍ଯ୍ୟ କରୁଥିବା ଜଣାପଡ଼ିଥିଲା। ସାହିବାସିନ୍ଦା ସ୍ଥାନୀୟ ଜନପ୍ରତିନିଧିଙ୍କୁ ଜଣାଇଥିଲେ। ଶନିବାର ଜନପ୍ରତିନିଧି, କନିଷ୍ଠ ଯନ୍ତ୍ରୀ ଏବଂ ଠିକାଦାରଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଚୁକ୍ତି ମୁତାବକ କାର୍ଯ୍ୟ ହେଉ ନ ଥିବା ଜଣାପଡ଼ିଥିଲା। ତେଣୁ କନିଷ୍ଠ ଯନ୍ତ୍ରୀ ସମ୍ପୃକ୍ତ ଠିକାଦାରଙ୍କୁ ନିର୍ମାଣ କାର୍ଯ୍ୟ କରିବାକୁ ମନା କରିଥିଲେ। ସେ ଆସି ଯାଞ୍ଚ କରିବା ପରେ ନିର୍ମାଣ କାର୍ଯ୍ୟ କରାଯିବ ବୋଲି ଠିକାଦାରଙ୍କୁ ଗତ ୨୪ ତାରିଖରେ କହିଥିଲେ। ମାତ୍ର ସମ୍ପୃକ୍ତ ଠିକାଦାର ୨୫ତାରିଖରେ ନିର୍ମାଣ କାର୍ଯ୍ୟ ପୁନର୍ବାର କରିଥିଲେ। ଏହାକୁ ସାହିବାସିନ୍ଦା ବିରୋଧ କରିଥିଲେ। କାର୍ଯ୍ୟର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ମାନସୀପ୍ରଭା ପୃଷ୍ଟି, ସଂଯୁକ୍ତା ନାୟକ, ରାମଚନ୍ଦ୍ର ବାରିକ, ଚରଣ ସାହୁ, ଭାଗ୍ୟବତୀ ଦାସ, ରାଜେଶ ଉପାଧ୍ୟାୟ, ହେମନ୍ତ ମହାରଣା ଏବଂ ପଦ୍ମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜେଡି ପକ୍ଷରୁ ଦୀପଦାନ

**ପୁରୀ ଅଫିସ, ୨୭।୭:** ବିଜେଡି ରାଜ୍ୟ ଯୁଗ୍ମ ସଂଯୋଜକ (ଓଡ଼ିଶା ମୋ ପରିବାର) ତଥା ପୂର୍ବତନ କର୍ପୋରେଟର ସ୍ୱର୍ଗତ ସମୀର ପ୍ରଧାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ରାଜ୍ୟ ଯୁବ ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ତଥା ଓଡ଼ିଶା ମୋ ପରିବାରର ପୁରୀ ଜିଲା ଯୁଗ୍ମ ସଂଯୋଜକ ଷ୍ଟାଲିନ୍ ପରିଜାଙ୍କ ନେତୃତ୍ୱରେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଶ୍ରୀମନ୍ଦିର ସମ୍ମୁଖରେ ବୁଧବାର ସମୂହ ଦୀପଦାନ ଓ ନୀରବ ପ୍ରାର୍ଥନା କରାଯାଇଥିଲା। ସମୀରଙ୍କ ସ୍ନେହ,ତ୍ୟାଗ, ଶ୍ରଦ୍ଧା, ଆଦର୍ଶ, ସେବା, ପରୋପକାରିତା, କର୍ତ୍ତବ୍ୟନିଷ୍ଠା ଓ ଆମମାନଙ୍କ ପ୍ରତି ଭଲ ପାଇବା ସର୍ବଦା ଚିର ସ୍ମରଣୀୟ ହୋଇରହିବା ସହ ବିଜୁ ଜନତା ଦଳର ଅପୂରଣୀୟ କ୍ଷତି ବୋଲି ପରିଜା ମତବ୍ୟକ୍ତ କରିଥିଲେ। ଏହି ଦୀପଦାନ କାର୍ଯ୍ୟକ୍ରମରେ ଦଳର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।




କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଇଡି ଜେରା ପ୍ରତିବାଦରେ ପୁରୀ ଜିଲା କଂଗ୍ରେସ ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

# ଦେବୋତ୍ତର ସମ୍ପତ୍ତି ଘରୋଇ କମ୍ପାନୀକୁ ଲିଜ୍

**ପିପିଲି,୨୭।୭ (ଡି.ଏନ୍.ଏ.)**

**ଜିଲାପାଳ, ଏସ୍‌ପିଙ୍କୁ ଭେଟିଲେ ଜମି ମାର୍ଫତଦାର**

ପିପିଲି ତହସିଲ ମଙ୍ଗଳପୁର ଆର୍‌ଆଇ ଅର୍ନ୍ତଗତ ପାଏକପଡା ମୌଜାରେ ଦେବୋତ୍ତର ସମ୍ପତି ମାର୍ଫତଦାରଙ୍କ ନାମରେ ୨ ଏକର ୪୮ ଡିସିମିଲ ଜମି ରହିଛି। ବେଆଇନ ଭାବେ ଜଣେ ବ୍ୟକ୍ତି ଏହି ଜମିକୁ ଘରୋଇ କନଷ୍ଟ୍ରକ୍ସନ କମ୍ପାନୀକୁ ଜବରଦସ୍ତ ଲିଜ୍ ଦେଇଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଜମି ମାର୍ଫତଦାରମାନେ ଜିଲାପାଳ ଓ ପୁରୀ ଆରକ୍ଷୀ ଅଧୀକ୍ଷକ(ଏସ୍‌ପି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଶ୍ରୀଦଧିବାବନ ଦେବଙ୍କ ନାମରେ ଖାତା ନଂ. ୧୪୪ ପ୍ଲଟ ନଂ. ୧୧୪୭ ଏରିଆ ୧ଏକର ୧୦ ଡିସିମିଲ, ଖାତା ନଂ. ୧୪୫ ପ୍ଲଟ ନଂ. ୧୧୪୮ ଏରିଆ ୧ ଏକର ୩୮ଡିସିମିଲ ଜମି ମାର୍ଫଦାର ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ଓ ବଂଶିଧର ପଣ୍ଡାଙ୍କ ନାମରେ ରେକର୍ଡ ରହିଛି । ଯାହାକି ସେହି ଜାଗାକୁ ଜଣେ ଅସାଧୁ ବ୍ୟକ୍ତି ବେଆଇନ ଭାବେ ଦେବୋତ୍ତର କମିଶନରଙ୍କ ବିନା ଅନୁମତିରେ ଏକ କମ୍ପାନୀକୁ ଦେଢ ବର୍ଷ ଧରି ଲିଜ୍ ଦେଇଛନ୍ତି। ଏହି ଘଟଣାକୁ ନେଇ ମାର୍ଫତଦାର ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡାଙ୍କ ପୁଅ ଭବାନୀ ଶଙ୍କର ପଣ୍ଡା ଜିଲାପାଳ ଓ ଏସ୍‌ପି କନୱର ବିଶାଲ ସିଂଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥିସହ ଘଟଣା ସମ୍ପର୍କରେ ମାର୍ଫତଦାରମାନେ ଦେବୋତ୍ତର କମିଶନରଙ୍କୁ ମଧ୍ୟ ଅବଗତ କରିଥିଲେ। ୨୨ ମାର୍ଚ୍ଚ ୨୦୨୨ରେ ଦେବୋତର କମିଶନର ଉକ୍ତ ବ୍ୟକ୍ତିଙ୍କ ନାମରେ ଥିବା ଲିଜ୍ ପ୍ରତ୍ୟାହୃତ ହୋଇଥିବା ଜଣାଇଛନ୍ତି। ସେହିପରି ଜମିରେ ବେଆଇନ କମ୍ପାନୀ କାର୍ଯ୍ୟକୁ ବନ୍ଦ କରିବା ପାଇଁ ଜୁନ ୯ରେ ଜିଲାପାଳଙ୍କୁ ଦେବୋତ୍ତର କମିଶନର ଚିଠି ମାଧ୍ୟମରେ ଜଣାଇଥିଲେ। ଘଟଣା ଘଟିବାର ଦେଢ଼ ମାସ ବିତିଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଜିଲାପାଳ ଓ ଏସ୍‌ପିଙ୍କ ନିକଟରେ ନ୍ୟାୟ ପାଇଁ ଫେରାଦ ହୋଇଛନ୍ତି ମାର୍ଫତଦାର। ଏ ସମ୍ପର୍କରେ ଏସ୍‌ପିଙ୍କୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ମାର୍ଫତଦାର ପ୍ରକାଶ କରିଛନ୍ତି।

## ବସ୍‌ଷ୍ଟାଣ୍ଡ ନିର୍ମାଣ ଲାଗି ଚିହ୍ନଟ ଜମିରୁ ଆଜି ପରିବାର, ଦୋକାନ ଉଚ୍ଛେଦ

**ଗୋପ,୨୭।୭(ଡି.ଏନ୍.ଏ.)**

ଗୋପ ବଜାରରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସେଠାରେ ଥିବା ୫୧ଟି ଦୋକାନ ସହ ୪ଟି ପରିବାରର ଘର ଉଚ୍ଛେଦ କାର୍ଯ୍ୟ ଗୁରୁବାର ହେବ ବୋଲି ଜଣାପଡିଛି। ଏହି ଉଚ୍ଛେଦ ପାଇଁ ବୁଧବାର ଗୋପ ତହସିଲ ପକ୍ଷରୁ ମାଇକ୍ ଯୋଗେ ଦୋକାନ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗତ ସୋମବାର ସ୍ଥାନୀୟ ବିଧାୟକ ତଥା ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ବସ୍‌ଷ୍ଟାଣ୍ଡ ନିର୍ମାଣ ସ୍ଥାନରେ ପହଞ୍ଚି ବର୍ଷା ସମୟରେ ଦୋକାନ ଓ ଘରଗୁଡିକୁ ଉଚ୍ଛେଦ ସ୍ଥଗିତ ରଖିବାକୁ ଗୋପ ତହସିଲଦାର ଏସ୍‌କେ ସାର୍ଗିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଦୋକାନକୁ ଅନ୍ୟତ୍ର ନେବାକୁ ସ୍ଥାନୀୟ ବ୍ୟବସାୟୀ ସଂଘକୁ ଅନୁରୋଧ କରିଥିଲେ। କିନ୍ତୁ ଦୋକାନ ସବୁ ସ୍ଥାନାନ୍ତର ନ ହେବାରୁ ପୁରୀ ଜିଲାପାଳ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ମୁତାବକ, କିଛି ଦିନ ତଳେ ଗଣଶିକ୍ଷା ମନ୍ତ୍ରୀ ଦାଶ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଶୁଭ ଦେବା ପରେ ଗୋପ ତହସିଲ ଅଫିସ ପକ୍ଷରୁ ଦୋକାନ ଓ ବାସଗୃହ କରି ରହୁଥିବା ପରିବାରକୁ ନୋଟିସ ଦିଆଯାଇଥିଲା। ଦୀର୍ଘ ବର୍ଷ ଧରି ରହୁଥିବା ବ୍ୟବସାୟୀଙ୍କୁ ମାର୍କେଟ୍ କମ୍ପ୍ଲେକ୍ସ କରାଯାଇ ଥଇଥାନ କରାଯିବ ବୋଲି ମନ୍ତ୍ରୀ ଦାଶ କହିଥିଲେ। ତେବେ ଜିଲା ପ୍ରଶାସନ ନିର୍ଦ୍ଦେଶରେ ଏହି ଉଚ୍ଛେଦ ପ୍ରକ୍ରିୟା ହେବ ବୋଲି ତହସିଲଦାର ସାର୍ଗି କହିଛନ୍ତି।

# ଟ୍ରେନରୁ ନବଜାତ ଶିଶୁପୁତ୍ର ଉଦ୍ଧାର

**ପୁରୀ ଅଫିସ,୨୭।୭**

■ ଚିକିତ୍ସା ପରେ ସ୍ୱତନ୍ତ୍ର ପୋଷ୍ୟଗୃହକୁ ଯିବ

■ ଜିଆର୍‌ପି, ଆର୍‌ପିଏଫ୍ ପକ୍ଷରୁ ତଦନ୍ତ ଆରମ୍ଭ

ପୁରୀ ରେଳଷ୍ଟେଶନରୁ ବୁଧବାର ଏକ ନବଜାତ ଶିଶୁପୁତ୍ର ଉଦ୍ଧାର ହୋଇଛି। ତପସ୍ୱିନୀ ଏକ୍ସପ୍ରେସରେ କେହି ବ୍ୟକ୍ତି ଏହି ନବଜାତ ଶିଶୁକୁ ଛାଡ଼ି ଚାଲିଯାଇଥିଲେ। ରେଳ ସୁରକ୍ଷା ବଳ ଉକ୍ତ ଶିଶୁକୁ ଦେଖିବା ପରେ ତୁରନ୍ତ ଉଦ୍ଧାର କରି ଚାଇଲ୍ଡ ହେଲ୍ପ ଲାଇନ୍‌କୁ ଯୋଗାଯୋଗ କରିଥିଲେ। ଏହାପରେ ଶିଶୁଟିକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସମ୍ପ୍ରତି ଶିଶୁର ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ପୂର୍ବାହ୍ନ ୮ଟା ୩୦ରେ ପୁରୀ ରେଳଷ୍ଟେଶନରେ ତପସ୍ୱିନୀ ଏକ୍ସପ୍ରେସ୍ ପହଞ୍ଚିଥିଲା। ଏହାପରେ ଆର୍‌ପିଏଫ୍ ପକ୍ଷରୁ ରୁଟିନ୍ ଚେକଅପ୍ କରାଯାଇ ଥିଲା। ସବ୍‌ଇନ୍ସପେକ୍ଟର ଅଭିନବ କୁମାର ନାୟକ ଯାଞ୍ଚ ଟିମ୍ ସହ ଟ୍ରେନ ବଗି ଯାଞ୍ଚ କରୁଥିବା ବେଳେ ସାଧାରଣ ଯାତ୍ରୀ ବଗିର କୋଚ୍ ନମ୍ବର ୧୮୪୩୯୩/ସି ସିଟ୍ ତଳେ ଏକ ନବଜାତ ଶିଶୁପୁତ୍ର ପଡ଼ିରହିଥିବା ଦେଖି ଟିମ୍ ସଦସ୍ୟଙ୍କୁ ଜଣାଇଥିଲେ। ଶିଶୁଟିକୁ ଉଦ୍ଧାର କରାଯିବା ପରେ ଆରପିଏଫ୍ ଇନ୍ସପେକ୍ଟର ଅପ୍ରେଶ ବେହେରା ଏ ନେଇ ଷ୍ଟେଶନ ସୁପରିଣ୍ଟେଣ୍ଡେଣ୍ଟ ଏବଂ ଜିଆର୍‌ପିକୁ ଖବର ଦେଇଥିଲେ। ପରେ ଷ୍ଟେଶନ ଅଧିକାରୀ ଚାଇଲ୍ଡ ଲାଇନ୍‌କୁ ଖବର କରିଥିଲେ। ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଚାଇଲ୍ଡ ଲାଇନ୍ ଆମ୍ବୁଲାନ୍ସ ସହ ପହଞ୍ଚି ଶିଶୁପୁତ୍ରକୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଶିଶୁର ସ୍ୱାସ୍ଥ୍ୟାବସ୍ଥା ଉପରେ ଡାକ୍ତରୀ ଟିମ୍ କ୍ରମାଗତ ଭାବେ ନଜର ରଖୁଛି ଓ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଥିବା ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଣବ ପ୍ରକାଶ ଦାଶ କହିଛନ୍ତି। ଅନ୍ୟପକ୍ଷରେ ଶିଶୁଟିକୁ କିଏ ଛାଡ଼ି ଦେଇଯାଇଛି ସେନେଇ ଜିଆର୍‌ପି ଏବଂ ଆର୍‌ପିଏଫ୍ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ରେଳଷ୍ଟେଶନର ସିସିଟିଭି ଫୁଟେଜ ଯାଞ୍ଚ କରାଯାଇଛି। ତେବେ ଷ୍ଟେଶନରେ ଟ୍ରେନ ରହିବାର କିଛି ସମୟ ପରେ ଚେକିଂ କରାଯାଇଥିବାରୁ ବଗିରେ ଥିବା ଲୋକେ ଚାଲିଯାଇଥିଲେ। ଏଣୁ କିଏ ଶିଶୁଟିକୁ ଛାଡ଼ି ଦେଇଗଲା ତାହା ଜାଣିବା କଷ୍ଟକର ହେଉଛି। ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ କହିଛନ୍ତି, ଶିଶୁର ସ୍ୱାସ୍ଥ୍ୟବସ୍ଥା ଉପରେ ନଜର ରଖାଯାଇଛି। ଶିଶୁର ରହିବା ବ୍ୟବସ୍ଥା କରାଯିବ। ସାଧାରଣତଃ ମାତାପିତା ଶିଶୁକନ୍ୟାକୁ ଛାଡ଼ି ଚାଲିଯାଉଥିବାର ଅନେକ ଉଦାହରଣ ସାମ୍ନାକୁ ଆସିଥିଲା। ମାତ୍ର ଶିଶୁ ପୁତ୍ରକୁ ଛାଡ଼ି ଯିବା ଘଟଣା ପ୍ରଥମ ଥର ପାଇଁ ନଜରକୁ ଆସିଛି। ଶିଶୁଟିକୁ ଆଇସିୟୁରେ ରଖାଯାଇଛି। ଅନ୍ୟପକ୍ଷରେ ଶିଶୁକୁ ଶିଶୁ କଲ୍ୟାଣ କମିଟିରେ ଉପସ୍ଥିତ କରାଯାଇସାରଛି। ସେ ଡିସଚାର୍ଜ ହେବା ପରେ ସ୍ୱତନ୍ତ୍ର ପୋଷ୍ୟ ଗୃହକୁ ଯିବ। ତା'ର କେହି ସମ୍ପର୍କୀୟ ଦାୟିତ୍ୱ ନେବାକୁ ଚାହୁଁଛନ୍ତି କି ନାହିଁ ସେ ସମ୍ପର୍କରେ ଜାଣିବା ପାଇଁ ଖବରକାଗଜରେ ବିଜ୍ଞାପନ ଦିଆଯିବ ବୋଲି ସୂଚନା ମିଳିଛି।

# ଗାଁକୁ ସମୁଦ୍ରରୁ ରକ୍ଷା ପାଇଁ ୩ହଜାର ଚାରାରୋପଣ

**ଅସ୍ତରଙ୍ଗ,୨୭।୭ (ଡି.ଏନ୍.ଏ.)**

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଶିଶୁଆ ପଞ୍ଚାୟତ ଅନ୍ତର୍ଗତ ତଣ୍ଡାହାର ଗାଁ ସମୁଦ୍ରରେ ଲୀନ ହେବାକୁ ବସିଲାଣି। ସେଠାରେ ପ୍ରାୟ ୯୫ ଗରିବ ଓ ମଧ୍ୟବିତ୍ତ ପରିବାର ବିପଦସଙ୍କୁଳ ଅବସ୍ଥାରେ ରହୁଥିଲେ ମଧ୍ୟ ସେମାନେ ଗାଁ ଛାଡି ବାହାରକୁ ଯିବା ତାଙ୍କ ପାଇଁ କଷ୍ଟକର। ସେମାନେ ସରକାରଙ୍କୁ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ଖଣ୍ଡୀୟ ବନ ଅଧିକାରୀ ଗ୍ରାମକୁ ଆସି ଗ୍ରାମ ସ୍ଥାନାନ୍ତର ପ୍ରସ୍ତାବ ଦେଇଥିବାବେଳେ ଏବେ ଆଉ ସେ ବିଷୟରେ କୌଣସି ଆଲୋଚନା କରୁନାହାନ୍ତି। ଗ୍ରାମବାସୀ ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ଅଭାବରୁ ଅନେକ ସମସ୍ୟା ଘେରି ରହିଥିଲେ ମଧ୍ୟ ଗ୍ରାମକୁ ରକ୍ଷା କରିବା ପାଇଁ ସେମାନେ ପ୍ରୟାସ ଜାରି ରଖିଛନ୍ତି। ୧୯୯୯ ମସିହା ମହାବାତ୍ୟା ପରଠାରୁ ସମୁଦ୍ର ଧୀରେ ଧୀରେ ଜନବସତିମୁହାଁ ହେଉଛି। ଏହି ଗ୍ରାମ ସମୁଦ୍ର ଆଁରେ ଲୀନ ହୋଇ ନ ଯାଉ, ସେଥିପାଇଁ ପୁରୀ ଜିଲା ଯୁବ ପରିବେଶବିତ୍ ସରୋଜ କୁମାର ଜେନା ଏକ ପ୍ରୟାସ 'ପ୍ରଣାମ ତଣ୍ଡାହାର' ଆରମ୍ଭ କରିଛନ୍ତି। ସେ ସମୁଦ୍ର ଓ ଗାଁ ମଝିରେ ଚାରାରୋପଣ କରି କୃତ୍ରିମ ଜଙ୍ଗଲ ତିଆରି କରୁଛନ୍ତି, ଯାହାଦ୍ୱାରା ଗାଁ ସମୁଦ୍ର କବଳରୁ ମୁକ୍ତ ହେଇପାରିବ। ଏଥିରେ ପ୍ରାୟ ୩୦୦୦ ଝାଉଁ, କରଞ୍ଜ, ନିମ, ଜାମୁ ଆଦି ଚାରାରୋପଣ କରାଯାଇଛି। ସଭାପତି ନାରାୟଣ ସାହୁ, ସମ୍ପାଦକ ପ୍ରମୋଦ ସ୍ୱାଇଁ, ବେଙ୍ଗଲତା ରାଉତ, ଶୁଭେନ୍ଦୁ ରାଉତରାୟ, ସୁବ୍ରତ ସ୍ୱାଇଁ, ଧନେଶ୍ୱର ମଲ୍ଲିକ, ଅକ୍ଷୟ ବାରିକ, ସୁଧାଂଶୁ ଶେଖର ରାଉତ, ସୁନିଲ ପ୍ରଧାନ, ମନୋରଞ୍ଜନ ବେହେରା, ମିଥୁନ ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ।



ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ନ ଶୁଣିବାରୁ ସ୍ଥାନୀୟ ଲୋକେ ବୁଧବାର ଗୋପ ବଜାର ରାସ୍ତା ମରାମତି କରୁଛନ୍ତି।

# ନିମାପଡ଼ା କଲେଜର ପ୍ରତିଷ୍ଠା ଦିବସ ପାଳିତ

**ନିମାପଡ଼ା,୨୭।୭ (ଡି.ଏନ୍.ଏ.)**




କଲେଜ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ଆଲୋଚନାଚକ୍ର, ସମ୍ବର୍ଦ୍ଧନା ସମାରୋହ**

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ୫୯ତମ ପ୍ରତିଷ୍ଠା ଦିବସ ସମାରୋହ, ଆଲୋଚନାଚକ୍ର, ସମ୍ବର୍ଦ୍ଧନା ଉତ୍ସବ, ଚାରାରୋପଣ କାର୍ଯ୍ୟକ୍ରମ ବୁଧବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ଜଗତ ପ୍ରସାଦ ସାବତ, ଓଡ଼ିଶା ଉଚ୍ଚଶିକ୍ଷା ପରିଷଦ ପ୍ରଫେସର ସୁମିତ୍ ପ୍ରସାଦ ପାଣି, ବାଣୀବିହାର ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ, କଲେଜ ଅଧ୍ୟକ୍ଷ ରମାକାନ୍ତଦାଶ, ଶିକ୍ଷାବିତ୍ ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ବିଜେଡି ନଗର ସଭାପତି, କଲେଜ ପୂର୍ବତନ ଛାତ୍ର ଜୀବନାନନ୍ଦ ମହାପାତ୍ର, କ୍ରୀଡାବିତ୍ ମହେନ୍ଦ୍ର ସିଂ ଭାଟିଆ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ କଲେଜ ଓ ମୋ କଲେଜ ଅଭିଯାନର ସଫଳତା ଏବଂ କଲେଜର ଉନ୍ନତି କାମନା କରିଥିଲେ। ଏହି ଅବସରରେ 'ଅନୁଷ୍ଠାନର ପ୍ରଗତିରେ କାର୍ଯ୍ୟ ନିର୍ବାହୀମାନଙ୍କ ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ମୋ କଲେଜ ଅଭିଯାନରେ ସହାୟତା ରାଶି ପ୍ରଦାନ କରିଥିବା ୭୧ଜଣ କଲେଜର ଆଲୁମିନି ସଦସ୍ୟ, ବରିଷ୍ଠ ବ୍ୟକ୍ତିଙ୍କ ସହ ଅତିଥିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧ୍ୟକ୍ଷ ଦାଶ କଲେଜର ବାର୍ଷିକ ରିପୋର୍ଟ ପାଠ କରିଥିବାବେଳେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଭିଡିଓ ମାଧ୍ୟମରେ ତାଙ୍କ ମାସକର ଦରମାର ୯୫ ହଜାର ଟଙ୍କା ମୋ କଲେଜ ଅଭିଯାନକୁ ଦେଇଥିଲେ। ଏହି ପରିପ୍ରେକ୍ଷୀରେ କଲେଜ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା।

# 'ବିଦ୍ୟୁତ୍ ସଞ୍ଚୟ ଉପରେ ଉପଭୋକ୍ତା ଗୁରୁତ୍ୱ ଦିଅନ୍ତୁ'

**ପୁରୀ ଅଫିସ,୨୭।୭**

ପୁରୀ ଜିଲା ପ୍ରଶାସନ, ପିଜିସିଆଇଏଲ ଏବଂ ଓପିସିଓଡିଏଲ୍‌ର ମିଳିତ ସହଯୋଗରେ ବୁଧବାର ବିଦ୍ୟୁତ୍ ବିଭାଗ ପକ୍ଷରୁ ଆଜାଦି କା ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇଛି। ନାଗରିକ ସଚେତ ହୋଇ ବିଦ୍ୟୁତ ସଂରକ୍ଷଣ ଓ ସଦ୍‌ବ୍ୟବହାର କରିବା, ଉପଭୋକ୍ତମାନେ ଠିକ ସମୟରେ ବିଲ୍ ପଇଠ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିଭଳି ସମଗ୍ର ଦେଶକୁ ଏକ ଗ୍ରୀଡ୍ ଏକ ଫ୍ରିକ୍ୱେନ୍ସି ସହ ସଂଯୋଗ କରି ୧.୬ ଲକ୍ଷ ସର୍କଟ କିଲୋମିଟର ଟ୍ରାନ୍ସମିଶନ ଲାଇନ ଯୋଗ କରାଯାଇଛି। ୨୦୧୮ରେ ଶତକଡ଼ା ଶହେ ଭାଗ ଗ୍ରାମ୍ୟ ବିଦ୍ୟୁତୀକରଣ ଓ ଘରୋଇ ବିଦ୍ୟୁତ କରଣ ହାସଲ ହୋଇଛି। ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ୨.୦୨ ଲକ୍ଷ କୋଟି ଟଙ୍କା ବିନିମୟରେ ଗ୍ରାମାଞ୍ଚଳରେ ୨୦୧୫ରେ ଥିବା ୧୫ ଘଣ୍ଟା ବିଦ୍ୟୁତ୍ ଯୋଗାଣକୁ ବର୍ତ୍ତମାନ ହାରାହାରି ୨୨.୫ ଘଣ୍ଟାକୁ ବୃଦ୍ଧି କରାଯାଇଛି। ୧୬୯ ଗିଗା ୱାଟ୍ ଉତ୍ପାଦ କ୍ଷମତା ଯୋଡ଼ି ହୋଇ ଆମ ଦେଶକୁ ଶକ୍ତି ଅଭାବ ସ୍ଥିତିରୁ ବାହାରୁ ଆଣିବାରେ ସମର୍ଥ ହୋଇଛି। ସଂପ୍ରତି ଭାରତ ବିଦ୍ୟୁତ୍ ଶକ୍ତି ବଳକା ଦେଶରେ ପରିଣତ ହୋଇଛି ବୋଲି ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇ କହିଛନ୍ତି, ବିଦ୍ୟୁତ୍‌ର ସଦ୍‌ବ୍ୟବହାର ଓ ସଞ୍ଚୟ ଦିଗରେ ଉପଭୋକ୍ତା ବିଶେଷ ଧ୍ୟାନ ଦେବା ଦରକାର। ଫଳରେ ବିଦ୍ୟୁତ ଅପଚୟ ଭଳି ସ୍ଥିତିକୁ ସର୍ବନିମ୍ନ ସ୍ତରକୁ ଅଣାଯାଇପାରିବ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ

### ବିଦ୍ୟୁତ୍ ମହୋତ୍ସବ ପାଳିତ

ଉକ୍ତ କାର୍ଯ୍ୟକ୍ରମରେ ଅନେକ ଉପଭୋକ୍ତା ଯୋଗଦେଇ ବିଦ୍ୟୁତ୍ ସେବାରେ ସଂସ୍କାର ସମ୍ପର୍କରେ ଆଲୋକପାତ କରିଥିଲେ। ସଂସ୍ଥା କିଭଳି ଅଧିକ ଦକ୍ଷ ଭାବେ କାର୍ଯ୍ୟ କରିବ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବ ସେନେଇ ପରାମର୍ଶ ଦେଇଥିଲେ। ପାୱାର ଗ୍ରୀଡ୍‌ର ଜିଏମ୍ ଶକୁନ୍ତଳା ସାହୁ, ପୁରୀ ଟାଟା ପାୱାରର ନିର୍ବାହୀ ଯନ୍ତ୍ରୀ ଜ୍ୟୋତିରଞ୍ଜନ ସ୍ୱାଇଁ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ପୌରସଂସ୍ଥା ଅଧିକାରୀ ସରୋଜ କୁମାର ସ୍ୱାଇଁ ଓ ସଦର ବ୍ଲକ୍ ଅଧ୍ୟକ୍ଷ ଦିବାକର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶକ୍ତି ସଚେତତା ସମ୍ପର୍କିତ କ୍ଷୁଦ୍ର ଚଳଚ୍ଚିତ୍ର, ପଥପ୍ରାନ୍ତ ନାଟକ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

**ନିଶ୍ଚିନ୍ତକୋଇଲି ବିଡିଓଙ୍କ ବଦଳି**

ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର.): ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ନିଶ୍ଚିନ୍ତକୋଇଲି ବିଡିଓଙ୍କର ଅନ୍ୟତ୍ର ବଦଳି କରାଯାଇଥିବା ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଚିଠି ନଂ. ୧୪୩୮୯/୨୭।୭।୨୨ ଅନୁଯାୟୀ ବିଡିଓ କର୍ଣ୍ଣଦେବ ସମାଦାରଙ୍କର ନିଶ୍ଚିନ୍ତକୋଇଲି ବ୍ଲକରୁ ଗଜପତି ଜିଲା ଉଦୟଗିରି ବ୍ଲକକୁ ବିଡିଓ ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ସାଲେପୁର ତହସିଲଦାର ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ ଅବସ୍ଥାପିତ କରାଯାଇଥିବା ବିଜ୍ଞପ୍ତିରେ ପ୍ରକାଶ ପାଇଛି।

## ଆଜି କ'ଣ କେଉଁଠି

କଟକ

- ଆନନ୍ଦ ପ୍ରକାଶନ ପକ୍ଷରୁ ଚଲାପଥରେ ପୁସ୍ତକ ଉନ୍ମୋଚନ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା-୬ଟା

# ଆଇନ ପ୍ରଶିକ୍ଷଣ ଦ୍ୱାରା କ୍ରିୟାଶୀଳ ହୁଅନ୍ତୁ ଯୁବପିଢ଼ି

## ଓଡ଼ିଶା ହାଇକୋର୍ଟର ୭୫ତମ ପ୍ରତିଷ୍ଠା ଦିବସ

- ୧୫୦ ବାର୍‌କୁ ସଂଯୋଗ କରିବ ଅଧିବକ୍ତା ଏକତା ମଶାଲ

କଟକ ଅଫିସ,୨୭।୭

ଓଡ଼ିଶା ହାଇକୋର୍ଟର ୭୫ତମ ପ୍ରତିଷ୍ଠା ଦିବସକୁ ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ଅମୃତ ମହୋତ୍ସବ ଭାବେ ବୁଧବାର ପାଳନ କରାଯାଇଛି। ଆସୋସିଏଶନ ପ୍ରେକ୍ଷାଳୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଯୋଗଦେଇ ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ହାଇକୋର୍ଟ ବାର୍ କର୍ମକର୍ତ୍ତାଙ୍କୁ ୩ଟି ଦିଗ ପ୍ରତି ଲକ୍ଷ୍ୟ ଦେବା ସହ ଅନୁକରଣ କରିବାକୁ କହିଥିଲେ। ବିଶେଷକରି ଆଇନ ବକ୍ତୃତା ଓ ଆଇନ ପ୍ରଶିକ୍ଷଣ ସେବା ମାଧ୍ୟମରେ ବର୍ତ୍ତମାନର ଯୁବପିଢି ଅଧିକ କ୍ରିୟାଶୀଳ ହେବାକୁ ମତ ଦେଇଥିଲେ। ଏଥିସହ ଆଇନ ବ୍ୟବସାୟ ଓ ନ୍ୟାୟିକ ସେବାର ବିଭିନ୍ନ ଦିଗକୁ ଅନୁକରଣ କରିବା ପାଇଁ ଆହ୍ୱାନ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ଆଇନମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ କହିଥିଲେ, ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ଉଦ୍ୟମ ପରେ ୧୯୪୮ ଜୁଲାଇ ୨୬ରେ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ହୋଇଥିଲା। ନ୍ୟାୟିକ ପ୍ରକ୍ରିୟାରେ ଅନେକ ପରିବର୍ତ୍ତନ ଆସିଛି। ଏହାଦ୍ୱାରା ଜନତା ଅନେକ ମାତ୍ରାରେ ଉପକୃତ ହୋଇପାରିଛନ୍ତି। ସମ୍ବିଧାନର ବ୍ୟବସ୍ଥା ଅନୁସାରେ ଲୋକସଭା, ବିଧାନସଭା, କାର୍ଯ୍ୟନିର୍ବାହୀ ଓ ନ୍ୟାୟପାଳିକା ସର୍ବଦା ଲୋକଙ୍କ କଲ୍ୟାଣ ପାଇଁ ଉତ୍ତରଦାୟୀ ରହିଛି ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଆଡଭୋକେଟ ଜେନେରାଲ ଅଶୋକ କୁମାର ପରିଜା ଯୋଗଦେଇ ଯୁବ ଆଇନଜୀବୀମାନେ ଜୁଡିସିଆଲ ସର୍ଭିସ ଆଡକୁ ଆକର୍ଷିତ ହେବାକୁ ପରାମର୍ଶ ଦେଇଥିଲେ। ଆସୋସିଏଶନ ସମ୍ପାଦକ ଆଲୋକ ପ୍ରସାଦ ନନ୍ଦ ସ୍ୱାଗତ ଭାଷଣ ଦେଇ ଓଡ଼ିଶା ହାଇକୋର୍ଟର ପ୍ରଥମ ବିଚାରପତି ବୀରକିଶୋର ରାୟଙ୍କ ଅବଦାନକୁ ଓଡ଼ିଶାବାସୀ ଭୁଲିପାରିବେ ନାହିଁ ବୋଲି କହିଥିଲେ। ଆସୋସିଏଶନ ସଭାପତି ଆଇନଜୀବୀ କାଳୀପ୍ରସନ୍ନ ମିଶ୍ର ସଭାପତିତ୍ୱ କରି କହିଥିଲେ, ୭୫ବର୍ଷ ମଧ୍ୟରେ ହାଇକୋର୍ଟ ଯେତିକି ଆଗେଇ ଆସିଛି ତା'ର ଗତିକୁ ଅଧିକ ଗତିଶୀଳ କରିବାକୁ ମୁଖ୍ୟ ବିଚରାପତିଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ଏକତା ଓ ଅଖଣ୍ଡତା ନିମନ୍ତେ ଅଧିବକ୍ତା ଏକତା 'ଜ୍ୟୋତି' ମଶାଲ ପ୍ରଜ୍ୱଳନ କରାଯାଇଥିଲା। ଉକ୍ତ ମଶାଲ ରାଜ୍ୟରେ ଥିବା ୧୫୦ଟି ବାର୍‌କୁ ସଂଯୋଗ କରିବ। ଆସୋସିଏଶନ ଯୁଗ୍ମ ସମ୍ପାଦକ ଉଦିତ ରଞ୍ଜନ ଜେନା ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ଉପସଭାପତି କ୍ଷୀରୋଦ କୁମାର ରାଉତ ଧନ୍ୟବାଦ ଦେଇଥିଲେ।




ଓଡ଼ିଶା ହାଇକୋର୍ଟର ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଅନ୍ୟ ଅତିଥି।

## ପଞ୍ଚାୟତ ନୋଡାଲ ହାଇସ୍କୁଲ ମଣିଯୋରୀ: ମୋ ସ୍କୁଲ କମିଟି ଗଠନ

ମାହାଙ୍ଗା,୨୭।୭(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ବରାହିପୁର ପଞ୍ଚାୟତ ନୋଡାଲ ହାଇସ୍କୁଲ ମଣିଯୋରୀର ମୋ ସ୍କୁଲ କମିଟି ଗଠନ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଦେଷ୍ଟା ମଣ୍ଡଳୀ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ମୃତିରଞ୍ଜନ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିକ୍ରମ କେଶରୀ ମହାନ୍ତି, ସୁରେନ୍ଦ୍ର ସାହୁ, ରଞ୍ଜନ ରାଉତ ରହିଛନ୍ତି। ଆଲୁମିନା କମିଟିର ସଭାପତି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦଣ୍ଡହରି ସାହୁ, ଉପସଭାପତି ଭାବେ ଅଧ୍ୟାପକ ପୀତାମ୍ବର ସ୍ୱାଇଁ, ମହିଳା ଆଲୁମିନା ରିପ୍ରେଜେଣ୍ଟେଟିଭ ଭାବେ ସୂର୍ଯ୍ୟପ୍ରଭା ସାହୁ, ନୋଡାଲ ଶିକ୍ଷକ ରିପ୍ରେଜେଣ୍ଟେଟିଭ ନିରଞ୍ଜନ ସାହୁ, ସ୍କୁଲ ପରିଚାଳନା କମିଟି ରିପ୍ରେଜେଣ୍ଟେଟିଭ ହଳଧର ଦାସ, କୋଅର୍ଡିନେଟର ନଳିନୀକାନ୍ତ ନାୟକ, ଛାତ୍ର ପ୍ରତିନିଧି ଅଂଶୁମାନ ମହାନ୍ତି ଓ କଲ୍ୟାଣୀ ସାହୁଙ୍କୁ କମିଟି ପକ୍ଷରୁ ମନୋନୀତ କରାଯାଇଛି।

## ହତ୍ୟା ଅଭିଯୋଗରେ ୨ ଗିରଫ

ତିଗିରିଆ,୨୭।୭(ଡି.ଏନ.ଏ.): ତିଗିରିଆ ଥାନା ବିନ୍ଧାଣିମା ଗାଇନାଳ ବ୍ରିଜ ଉପରେ ଜଣେ ଯୁବକଙ୍କୁ ଗତ ମାସରେ ହତ୍ୟା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା କରଡ଼ାପଲ୍ଲୀ ଗ୍ରାମର ଏସ. କେ. ସୁରଜ(୨୩) ଓ ସଲାମତ ଖାଁ(୨୧)। ଅଭିଯୋଗ ଅନୁଯାୟୀ, ବଡମ୍ବା ଥାନା ସାନବକ୍ଷରସିଂହ ଗାଁର ଅକ୍ଷୟ ଜେନାଙ୍କ ପୁଅ ଅନିଲ(୨୭)ଙ୍କୁ ଗତ ମାସ ୨୭ତାରିଖ ରାତିରେ ତିଗିରିଆ ଥାନା ରଘୁରାମପୁର ଗାଁର ନିଜ ଭଉଣୀ ଘରକୁ ଆସି ରାତିରେ ଫେରୁଥିଲେ। ଏହି ସମୟରେ ଅନିଲଙ୍କୁ ଅଭିଯୁକ୍ତମାନେ ମାଡମାରି ହତ୍ୟା କରିଥିଲେ। ଏ ନେଇ ଅନୀଲଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ନଂ.୧୩୪/୨୨ରେ ମାମଲା ରୁଜୁ କରି ଆଇଆଇସି ସୁଚିତ୍ରା ଜେନା ତଦନ୍ତ କରୁଥିଲେ। ଅଭିଯୁକ୍ତଦ୍ୱୟଙ୍କୁ ଆଣି ପଚରାଉଚରା ପରେ ସେମାନେ ଅନିଲଙ୍କୁ ଆକ୍ରମଣ କରି ଦୁର୍ଘଟଣା ରୂପ ଦେଇଥିବା ସ୍ୱୀକାର କରିଥିବା ପୋଲିସ କହିଛି। ଏହି ଘଟଣାରେ ଅନ୍ୟ ମାନେ ଫେରାର ଅଛନ୍ତି।

## ପ୍ରାଣୀ ବିଜ୍ଞାନ ବିଭାଗରେ ଆଲୋଚନାଚକ୍ର

ବାଙ୍କୀ,୨୭।୭(ସ୍ୱ.ପ୍ର.): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ପ୍ରାଣୀ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଏକ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଜୀବ ବିଜ୍ଞାନ ଉପରେ ଏବେକାର ଗବେଷଣା ଏକ ଅନୁଶୀଳନ ଶୀର୍ଷକ ଆଲୋଚନା ଚକ୍ରକୁ ବୁଧବାର କଲେଜ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଉଦ୍‌ଘାଟନ କରି ଜୀବ ବିଜ୍ଞାନର ନୂଆ ଗବେଷଣାମୂଳକ ତଥ୍ୟ ଉପରେ ବହୁ ଉଦାହରଣ ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ତଥା ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟ ବକ୍ତାଭାବେ ବଲାଙ୍ଗୀର ଜିଲା ପାଟଣାଗଡ ଜବାହାର ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ବଳିଷ୍ଠ ପ୍ରାଣୀ ବିଜ୍ଞାନ ବିଶାରଦ ଡ.ଦେବରାଜ ମିଶ୍ର ଯୋଗ ଦେଇ ଜୀବ ବିଜ୍ଞାନର ଗବେଷଣାକୁ ଆଧାର କରି ବିଭିନ୍ନ ରୋଗର ନିଦାନ ଏବଂ ଟିକା ପ୍ରସ୍ତୁତ କରାଯାଇ ଜନସାଧାରଣଙ୍କ ସେବାରେ ଲାଗି ପାରୁଛି ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରାଧ୍ୟାପକ ନିରଞ୍ଜନ ରାଉତ, ଡା. ଶଶିଭୂଷଣ ମହାପାତ୍ର, ଅଧ୍ୟାପକ ଶ୍ୟାମଲାଲ୍ ଭୁଏ ଓ କୁମୁଦ ରଞ୍ଜନ ମହାରଣା ପ୍ରମୁଖ ଯୋଗ ଦେଇ ଜୀବ ବିଜ୍ଞାନର ନୂତନ ଆବିଷ୍କାର ସମ୍ବନ୍ଧରେ ଆଲୋକପାତ କରିଥିଲେ। ଶୁଭସ୍ମିତା ନନ୍ଦ, ଦୀପ୍ତିମୟୀ ବେହେରା ଓ ଆଦ୍ୟାଶ୍ରୀ ମହାନ୍ତି ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦିବ୍ୟଦର୍ଶିନୀ ବାହାଲିଆ ଧନ୍ୟବାଦ ଦେଇଥିଲେ।

# ଜୀବନର ସତ୍ୟକୁ ଉପଲବ୍ଧି କରିବା ଦରକାର




ଡ୍ରିମ୍‌ସରେ ପଦ୍ମିନୀ ରଥଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତି।

## ଡ୍ରିମ୍‌ସରେ ପଦ୍ମିନୀ ରଥଙ୍କ ଶ୍ରାଦ୍ଧବାର୍ଷିକୀ

କଟକ ଅଫିସ,୨୭।୭

ଜୀବନର ସତ୍ୟକୁ ଉପଲବ୍ଧି କରିବା ଲାଗି ଚେଷ୍ଟିତ ହେବା ଆବଶ୍ୟକ। ଏହାଦ୍ୱାରା ଚିରନ୍ତନ ସୁଖ, ଶାନ୍ତି ପ୍ରାପ୍ତ ହୋଇଥାଏ ବୋଲି ବିଶିଷ୍ଟ ସନ୍ଥ ତଥା ବେଦାନ୍ତ ବିଜ୍ଞାନ କୁରୁକୁଳମ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ସ୍ୱାମୀ ଭାଗବତାନନ୍ଦ ସରସ୍ୱତୀ କହିଛନ୍ତି। ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହ ପକ୍ଷରୁ ପଦ୍ମିନୀ ରଥଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ସମାରୋହ ବୁଧବାର ରାଜେନ୍ଦ୍ର ନଗରସ୍ଥିତ ମଙ୍ଗଳା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ମୁଖ୍ୟ ଅତିଥିଭାବେ ସ୍ୱାମୀ ଭାଗବତାନନ୍ଦ ଯୋଗଦେଇ କହିଥିଲେ, ଜୀବନରେ ଭଲ ଗୁଣର ଅଧିକାରୀ ହୋଇପାରିଲେ ମୃତ୍ୟୁ ପରେ ବି ଜଣେ ଜନମାନସରେ ସ୍ମରଣୀୟ ହୋଇଥାଏ। ପଦ୍ମିନୀ ରଥ ଥିଲେ ସେଭଳି ଜଣେ ମହୀୟସୀ। ଏଣୁ ଛାତ୍ରୀଛାତ୍ରମାନେ ଏହାକୁ ମନରେ ରଖି ସାଧନା ପଥରେ ଅଗ୍ରସର ହେବାକୁ ସେ ଦିଗ୍‌ଦର୍ଶନ ଦେଇଥିଲେ। ସମାରୋହ ପୂର୍ବରୁ ସ୍ୱାମୀଜୀ ପଦ୍ମିନୀ କେୟାର ହସ୍ପିଟାଲରେ ସାମାଜିକ କର୍ମୀ ଧନେଶ୍ୱର ରଥ ଓ ପଦ୍ମିନୀ ରଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ପ୍ରଫେସର ଡା. ପ୍ରତିମା ମିଶ୍ର, ଡା. ପ୍ରମୋଦିନୀ ସ୍ୱାଇଁ, ଡା. ମୋନାଲି ପଟ୍ଟନାୟକ, ଡା. ସ୍ୱାତୀ ସମୀକ୍ଷା, ଡା. ସଂଘମିତ୍ରା ସାହା ଓ ଡା. ଚିନ୍ମୟୀ ସିଂହଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଡ୍ରିମ୍‌ସ ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ଇଂ ଲଳିତ ମୋହନ ମିଶ୍ର, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ସହ ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ପ୍ରଶାନ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଡା. ଜ୍ୟୋତି ପ୍ରକାଶ ପରିଜା, ପ୍ରଫେସର ଡା. ଶିଶୁ ଶଙ୍କର ମିଶ୍ର, ପ୍ରଫେସର ଡା. ଶକ୍ତିପ୍ରସାଦ ଦାସ, ପ୍ରଫେସର ଡା. ଇନ୍ଦୁଭୂଷଣ କର, ଡା. ହିମାଂଶୁ ମିଶ୍ର, ଡ. କପିଳେଶ୍ୱର ମିଶ୍ର, ଡ. ନୟନ ରଞ୍ଜନ ସାମଲ, ଡ. ପି. କଙ୍ଗେଶ୍ୱରୀ, ଡ. ହିମାଂଶୁ ମହାନ୍ତି, ଡ. ସ୍ନିଗ୍ଧମଧୁସୂଦନ ଦାସ, ଡ. ପିନାକ ଭୂଷଣ ଦାସ, ଡ. ଲୀନା ପଟ୍ଟନାୟକ, ପ୍ରାଧ୍ୟାପକ ଦିଲୀପ କୁମାର ମଲ୍ଲିକ, ଉତ୍କଳ ରଞ୍ଜନ ଦାସ ଓ ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ପ୍ରମୁଖ ଯୋଗଦେଇଥିଲେ। ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ସ୍ତ୍ରୀଙ୍କ ପରକୀୟା ପ୍ରୀତି ସନ୍ଦେହରେ ଆକ୍ରମଣ: ସ୍ୱାମୀ ଗିରଫ

ନିଶ୍ଚିନ୍ତକୋଇଲି,୨୭।୭(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଧୀନ ବଡକ୍ଷୀର ପଞ୍ଚାୟତରେ ସ୍ତ୍ରୀଙ୍କ ପରକ୍ରିୟା ପ୍ରୀତିକୁ ସନ୍ଦେହ କରି ସ୍ୱାମୀ ମରଣାନ୍ତକ ଆକ୍ରମଣ କରି ବୁଧବାର ଜେଲ ଯାଇଛନ୍ତି। କେନ୍ଦ୍ରାପଡ଼ା ଜିଲା ରାଜକନିକା ତରସ ଗ୍ରାମର ସୋନୁପ୍ରଜ୍ଞା ମଳିକଙ୍କୁ ୪ ବର୍ଷ ତଳେ ନିଶ୍ଚିନ୍ତକୋଇଲି ବ୍ଲକ ବଡକ୍ଷୀର ଗାଁର ସଞ୍ଜୀବଙ୍କୁ ବିବାହ କରି ଭୁବନେଶ୍ୱରରେ ରହି ଆସୁଥିଲେ। ମଙ୍ଗଳବାର ସଞ୍ଜୀବ ସ୍ତ୍ରୀ ସୋନୁପ୍ରଜ୍ଞାଙ୍କୁ ସାଥୀରେ ଧରି ବଡକ୍ଷୀର ଗ୍ରାମକୁ ଆସିଥିଲା। ଶାଶୁଘରେ ବିଳମ୍ବିତ ରାତିରେ ସଞ୍ଜୀବ କୌଣସି ବ୍ଲେଡରେ କାଟି ରକ୍ତାକ୍ତ କରି ଦେଇଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ସୋନୁପ୍ରଜ୍ଞାଙ୍କୁ ଉଦ୍ଧାର କରି ପ୍ରଥମେ ନିଶ୍ଚିନ୍ତକୋଇଲି ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ସୋନୁପ୍ରଜ୍ଞାର ମା' ସତ୍ୟଭାମା ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରି ରକ୍ତଲଗା ବ୍ଲେଡ ଜବତ କରିଛି। ଏ ନେଇ ଥାନାରେ ନଂ. ୧୨୪/୨୨ରେ ମାମଲା ରୁଜୁ କରିଛି। ପୋଲିସ ସ୍ୱାମୀ ସଞ୍ଜୀବକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ଚିନ୍ମୟୀ ସାହୁ ପ୍ରକାଶ କରିଛନ୍ତି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଶିଶୁଆ ଜେଲକୁ ପଠାଇ ଦିଆଯାଇଛି।

## ରୁଚିକାଙ୍କ ପରିବାରକୁ ନ୍ୟାୟ ଦାବି

ଆଠଗଡ,୨୭।୭(ସ୍ୱ.ପ୍ର.)

ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କ ମୃତ୍ୟୁକୁ ନେଇ ବିଚାର ବିଭାଗୀୟ ତଦନ୍ତ ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ପରିବାରକୁ ନ୍ୟାୟ ଦେବାକୁ ଆଠଗଡ଼ କଂଗ୍ରେସ ଦାବି କରିଛି। ଏ ନେଇ ବୁଧବାର ଉପଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦିଆଯାଇଛି। ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ଦୀପ୍ତିମୟୀ ବେହେରା ସ୍ମାରକପତ୍ର ଗ୍ରହଣ କରିଥିଲେ। ରୁଚିକାଙ୍କ ପୈତୃକ ଘର ଆଠଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଖଡିରୁ କଂଗ୍ରେସ କର୍ମୀ ଓ ସମର୍ଥକମାନେ ଏକ ବାଇକ୍ ଶୋଭାଯାତ୍ରାରେ ଆସି ଆଠଗଡ ସହର ପରିକ୍ରମା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ନେତୃତ୍ୱରେ ଏକ ପ୍ରତିବାଦ ସଭାରେ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଯଦି ରୁଚିକାଙ୍କ ପରିବାରକୁ ନ୍ୟାୟ ନ ମିଳେ ତେବେ ଆଗାମୀଦିନରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଏହି ଶୋଭାଯାତ୍ରାରେ ରୁଚିକାଙ୍କ ପରିବାର ସଦସ୍ୟ, ବ୍ଲକ କଂଗ୍ରେସ କମିଟି ସଭାପତି ସୁଦର୍ଶନ ସାହୁ, ସୋମନାଥ ଦାସ, ଲକ୍ଷ୍ମୀପ୍ରିୟା ନାୟକ, ଅରୁପମା ଭକ୍ତା, ମନୋରଞ୍ଜନ ପଟ୍ଟନାୟକ, ସମ୍ପାଦକ ପ୍ରଶାନ୍ତ ବେହେରା, ବିକ୍ରମ ବିକାଶ ରାୟସାମନ୍ତ, ବାଞ୍ଛାନିଧି ପ୍ରଧାନ, ସୁନିଲ ସୁତାର, ସଚ୍ଚିଦାନନ୍ଦ ପଣ୍ଡା ପ୍ରମୁଖ ସାମିଲ ଥିଲେ।




କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଇଡି ଜେରା ବିରୋଧରେ କଟକ ଜିଲା କଂଗ୍ରେସ କମିଟି ପକ୍ଷରୁ ବୁଧବାର କଟକ ଲିଙ୍କ୍ ରୋଡସ୍ଥିତ ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯାଇଛି।

## କାର୍‌ରେ ଆସି ଛେଳି ଚୋରି, ୨ ଗିରଫ

କଣ୍ଟାପଡା,୨୭।୭(ଡି.ଏନ୍.ଏ.): ଓଲଟପୁର ଥାନା ଅନ୍ତର୍ଗତ ବାଇରୋଇ ନିକଟରେ କାର୍‌ରେ ଆସି ଛେଳି କରୁଥିବାବେଳେ ଗ୍ରାମବାସୀଙ୍କ ହାତରେ ଧରାପଡ଼ିଥିବା ୨ଜଣ ଅଭିଯୁକ୍ତଙ୍କୁ ପୋଲିସ ବୁଧବାର ଗିରଫ କରିଛି। ସେମାନେ ହେଲେ କଟକ କ୍ୟାଣ୍ଟନମେଣ୍ଟ ଥାନା ଅଞ୍ଚଳର ଏସ୍.କେ. ଆଝାରୁଦ୍ଦିନ(୩୮) ଓ ଜଗତପୁର ଥାନା ପିରବଜାରର ସାହେବ ଖାନ୍(୨୭)। ଏହି ଘଟଣାରେ ବ୍ୟବହୃତ ନଂ.ଓଆର ୧୯ଇ ୮୫୮୫ ବିଶିଷ୍ଟ କାର୍ ଟିକୁ ଜବତ କରିଥିବାବେଳେ ସେମାନଙ୍କ ନିକଟରୁ ୩ଟି ଛେଳି ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା(ନଂ. ୭୭/୨୨) ରୁଜୁକରି ତଦନ୍ତ ଚଳାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ବୁଧବାର ମଧ୍ୟାହ୍ନ ପ୍ରାୟ ୧୨ଟାବେଳେ ୪ଜଣ ବ୍ୟକ୍ତି ଏକ ଧଳା କାର୍‌ରେ ଆସି ବାଇରୋଇ-ଓଲଟପୁର ରାସ୍ତାରେ ଗାଡି ରଖି ରାସ୍ତାପାର୍ଶ୍ୱରେ ଚରୁଥିବା ୩ଟି ଛେଳିକୁ କାର୍‌ରେ ଭିତରେ ରଖୁଥିଲେ। ଏହି ସମୟରେ ନିକଟରେ ଥିବା କେତେଜଣ ଲୋକ ପାଟି କରିଥିଲେ। ଫଳରେ ଦୁର୍ବୃତ୍ତମାନେ କାର୍ ଛାଡି ସେଠାରୁ ଦୌଡି ପଳାଇବାକୁ ଉଦ୍ୟମ କରିବା ବେଳେ ସ୍ଥାନୀୟ ଲୋକମାନେ ୨ଜଣଙ୍କୁ କାବୁ କରିନେଇଥିଲେ। ହେଲେ ଅନ୍ୟ ୨ଜଣ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ଛେଳି ମାଲିକ ମହମ୍ମଦ ପୋଲିସକୁ ଜଣାଇବା ପରେ ୨ଜଣଙ୍କୁ ଗିରଫ କରି କାର୍ ଜବତ କରିଛି। ଏଥିସହ ଉଦ୍ଧାର ଛେଳିକୁ ସମ୍ପୃକ୍ତ ମାଲିକଙ୍କୁ ଜିମା ଦେଇଛି।

## ନାମାଙ୍କନପତ୍ର ଦାଖଲ ପାଇଁ ଆସିଲେନି ସମିତିସଭ୍ୟ

### ଅଧ୍ୟକ୍ଷ ପଦବୀ ଉପନିର୍ବାଚନ ବାତିଲ

କଟକ ସଦର,୨୭।୭(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅଧ୍ୟକ୍ଷା ଉପନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଆୟୋଗ ବୁଧବାର (ଜୁଲାଇ ୨୭) ସମୟ ଧାର୍ଯ୍ୟ କରିଥିଲେ। ତଦନୁଯାୟୀ ବୁଧବାର ନିର୍ଦ୍ଧାରିତ ସମୟରେ ନିର୍ବାଚନ ଅଧିକାରୀ ତଥା ବାରଙ୍ଗ ତହସିଲଦାର ସଙ୍କଳ୍ପ ସତ୍ତିକ ସାହୁ ବ୍ଲକ ସମ୍ମିଳନୀ କକ୍ଷରେ ଉପସ୍ଥିତ ହୋଇଥିଲେ। ମାତ୍ର ନାମାଙ୍କନପତ୍ର ଦାଖଲ ପାଇଁ କୌଣସି ଶେଷ ସମୟ ସୁଦ୍ଧା କୌଣସି ସମିତି ସଭ୍ୟାସଭ୍ୟ ଆସି ନ ଥିଲେ। ଫଳରେ ନିର୍ବାଚନକୁ ବାତିଲ କରିଦିଆଯାଇଥିଲା। ଏ ନେଇ ନିର୍ବାଚନ ଅଧିକାରୀ ସାହୁ କଟକ ଜିଲାପାଳ, ରାଜ୍ୟ ନିର୍ବାଚନ ଆୟୋଗ ଓ ରାଜ୍ୟ ସରକାରଙ୍କୁ ଜଣାଇ ଦେଇଥିଲେ। ଏହି ଉପନିର୍ବାଚନ ପାଇଁ ଓଡ଼ିଶା ପଞ୍ଚାୟତ ସମିତି ଆଇନ ୧୯୫୯ ଧାରା ୩୮(୧)ଅନୁଯାୟୀ ଦ୍ୱିତୀୟଥର ଲାଗି ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ମାତ୍ର ଏହି ନିର୍ବାଚନକୁ ବନ୍ଦ କରିବା ପାଇଁ ହାଇକୋର୍ଟରେ ୨ଟି ମାମଲା ଦାୟର ହୋଇଥିଲା। ମାତ୍ର ମଙ୍ଗଳବାର ନିର୍ବାଚନ ପାଇଁ କୋର୍ଟ ଅନୁମତି ଦେଇଥିବା ବେଳେ ଫଳାଫଳ ଘୋଷଣା ଉପରେ ଅଙ୍କୁଶ ଲଗାଇଥିଲେ। ଏବେ କୋର୍ଟଙ୍କର ରାୟକୁ ସମସ୍ତଙ୍କର ଅପେକ୍ଷା ରହିଲା। ଯଦି ହାଇକୋର୍ଟରୁ ନିର୍ଣ୍ଣାୟକ ରାୟ ନ ଆସେ, ତା'ହେଲେ ରାଜ୍ୟ ସରକାର ତାଙ୍କର କ୍ଷମତା ପ୍ରୟୋଗ କରିପାରିବେ। ଧାରା ୪୫(ଗ) ଅନୁଯାୟୀ ୨ଥର ଅଧ୍ୟକ୍ଷ ଉପନିର୍ବାଚନରେ ଯଦି ସଭ୍ୟାସଭ୍ୟ ଅଂଶଗ୍ରହଣ ନ କରନ୍ତି, ତା'ହେଲେ ରାଜ୍ୟ ସରକାର ନିଜ ଆଡୁ ଜଣକୁ ଅଧ୍ୟକ୍ଷ ଭାବେ ମନୋନୀତ କରିପାରିବେ।




ରେଭେନ୍‌ଶା କଲିଜିଏଟ୍ ସ୍କୁଲରେ ଜିଲାସ୍ତରୀୟ ମଣ୍ଡଳ ପକ୍ଷରୁ ବୁଧବାର ଅନୁଷ୍ଠିତ ବିଜ୍ଞାନମେଳାର ଏକ ପ୍ରକଳ୍ପକୁ ମେୟର ସୁବାସ ସିଂ ପରିଦର୍ଶନ କରୁଛନ୍ତି।

# ଜିଲାରେ ଅଧିକ ଶତପ୍ରତିଶତ ପାସ୍‌ହାର

କଟକ ଅଫିସ,୨୭।୭

ତୁଳସୀପୁରସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର ଚଳିତବର୍ଷ ଯୁକ୍ତ୨ ବିଜ୍ଞାନ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରିଛି। ୧୧୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦୫ ଜଣ ପ୍ରଥମ ଓ ୫ ଜଣ ଦ୍ୱିତୀୟ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୪ ଜଣ ଛାତ୍ରଛାତ୍ରୀ ୯୦%ରୁ ଅଧିକ ନମ୍ବର ରଖିଛନ୍ତି। ବ. ହେମାବାଳିକା ୯୫% ହାରରେ ୫୬୯ନମ୍ବର ରଖି ଟପ୍ପର ହୋଇଛନ୍ତି। ଅନିମେଶ ସିଂହ ୫୫୯, ଅଲିଭା ପ୍ରିୟଦର୍ଶନୀ ୫୪୬ ଓ ପ୍ରିୟଙ୍କା ଗିରି ୫୪୦ ନମ୍ବର ରଖି ଶ୍ରେଷ୍ଠ ତାଲିକାରେ ରହିଛନ୍ତି। ଅଧ୍ୟକ୍ଷ ହୃଷୀକେଶ ଆଚାର୍ଯ୍ୟ, ପ୍ରଧାନ ଆଚାର୍ଯ୍ୟ ନାରାୟଣ ପ୍ରସାଦ ଷଡ଼ଙ୍ଗୀ ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କୃତୀ ଛାତ୍ରୀଙ୍କୁ ମିଠା ଖୁଆଇ ଶୁଭେଚ୍ଛା ଜଣାଉଛନ୍ତି।

### ରେଭେନଶା ବିଦ୍ୟାଳୟରେ ୬୩୩ଜଣ କୃତକାର୍ଯ୍ୟ

ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ବିଭାଗରେ ଚଳିତବର୍ଷ ୩୬୯ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ତନ୍ମଧ୍ୟରୁ ୩୩୯ଜଣ ପ୍ରଥମ, ୨୬ ଜଣ ଦ୍ୱିତୀୟ ଓ ୪ ଜଣ ତୃତୀୟ ଡିଭିଜନ୍ ହାସଲ କରିଛନ୍ତି। ପାସ ହାର ୯୭. ୮୮% ରହିଥିବା ବେଳେ ୧୬ ଜଣ ଛାତ୍ରୀଛାତ୍ର ୯୦%ରୁ ଅଧିକ ନମ୍ବର ରଖିଛନ୍ତି। ଶୁଭାଙ୍ଗୀ ଦାସ ୫୬୪ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ୨୫୧ରୁ ୨୪୬ ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ୨୩୦ଜଣ ପ୍ରଥମ, ୧୦ଜଣ ଦ୍ୱିତୀୟ ଓ ୬ ଜଣ ତୃତୀୟ ଡିଭିଜନ୍ ହାସଲ କରିଛନ୍ତି। ପାସହାର ୯୮% ରହିଛି। ୧୫ଜଣ ଛାତ୍ରୀଛାତ୍ର ୯୦%ରୁ ଅଧିକ ନମ୍ବର ରଖିଛନ୍ତି। ମେହକ ଅଗ୍ରୱାଲ ଓ ସାର୍ଥକ ମହାନ୍ତି ୫୬୪ ଲେଖାଏଁ ନମ୍ବର ରଖି ବିଦ୍ୟାଳୟର ଯୁଗ୍ମ ଟପ୍ପର ହୋଇଛନ୍ତି।

### ଜେକେବିକେ କଲେଜରେ ୩୬୮ ଜଣ କୃତକାର୍ଯ୍ୟ

ଜାତୀୟ କବି ବୀର କିଶୋର ମହାବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନ ବିଭାଗରେ ୨୪୪ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ତନ୍ମଧ୍ୟରୁ ୨୧୦ ଜଣ ପ୍ରଥମ, ୩୨ ଜଣ ଦ୍ୱିତୀୟ ଓ ତୃତୀୟ (ଏବି)ରେ ଦୁଇ ଜଣ ଛାତ୍ରୀଛାତ୍ର ରହିଛନ୍ତି। ଶଶାଙ୍କ ଶେଖର ପଣ୍ଡା ୫୪୯ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ସେହିପରି ବାଣିଜ୍ୟରେ ୧୨୫ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ଜଣେ ଫେଲ୍ ହୋଇଛନ୍ତି। ୧୦୭ ଜଣ ପ୍ରଥମ, ୧୨ ଜଣ ଦ୍ୱିତୀୟ ଓ ତୃତୀୟ (ଏବି)ରେ ୬ ଜଣ ରହିଛନ୍ତି। ସଂଘମିତ୍ରା ମହାନ୍ତି ୫୩୩ ନମ୍ବର ରଖି କଲେଜରେ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି।

### ବିଜ୍ଞାନରେ ହରିଦ, ବାଣିଜ୍ୟରେ କୋମଲ୍ ଟପ୍ପର

ସାଲେପୁର,(ଡି.ଏନ୍.ଏ.): ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଉଚ୍ଚ ମାଧ୍ୟମିକ ଯୁକ୍ତ ୨ ବିଜ୍ଞାନ ଏବଂ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇଛି। ଅନୁଷ୍ଠାନର ଯୁକ୍ତ ୨ ବିଜ୍ଞାନ ଛାତ୍ର ହରିଦ ପଣ୍ଡା ୫୬୦ ନମ୍ବର ରଖି ଟପ୍ପର ହୋଇଛନ୍ତି। ସେହିପରି ଚଳିତବର୍ଷ ଯୁବ ୨ ବିଜ୍ଞାନ ପରୀକ୍ଷାରେ ସମୁଦାୟ ୨୪୭ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ପ୍ରଥମ ଶ୍ରେଣୀରେ ୨୩୨ଜଣ, ଦ୍ୱିତୀୟ ଶ୍ରେଣୀରେ ୧୨ଜଣ ଏବଂ ତୃତୀୟ ଶ୍ରେଣୀରେ ୧ଜଣ ଉତୀର୍ଣ୍ଣ ହୋଇଛନ୍ତି। ୨ଜଣ ଛାତ୍ରୀଛାତ୍ର ଫେଲ ହୋଇଛନ୍ତି। ସେହିପରି ଯୁକ୍ତ ୨ ବାଣିଜ୍ୟ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ୧୧୪ଜଣ, ଦ୍ୱିତୀୟ ଶ୍ରେଣୀରେ ୨୯ଜଣ ଓ ତୃତୀୟ ଶ୍ରେଣୀରେ ୮ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଛାତ୍ରୀ କୋମଲ ବଳଦେୱା ୫୬୧ନମ୍ବର ରଖି ଟପ୍ପର ହୋଇଛନ୍ତି। ଶିଶୁଆ ପଞ୍ଚାୟତର ପୁରୁଷୋତ୍ତମପୁରଠାରେ ଥିବା ସାବିତ୍ରୀ ଦେବୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ୧୯୭ ଜଣ ପ୍ରଥମ ଶ୍ରେଣୀ, ଦ୍ୱିତୀୟ ଶ୍ରେଣୀରେ ୨୨ଜଣ ପାସ୍ କରିଛନ୍ତି। ଏହି ଅନୁଷ୍ଠାନର ଛାତ୍ର ସୌମେନ୍ଦ୍ର କୁମାର ସାହୁ ସର୍ବୋଚ୍ଚ ୫୪୩ ନଂ. ରଖି ଟପ୍ପର ହୋଇଛନ୍ତି। ଆଇନ୍‌ଷ୍ଟାଇନ୍ ଯୁକ୍ତ ୨ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୫୩ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫୩ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ର ଶୁଭଙ୍କର ସ୍ୱାଇଁ ୫୪୫ ନମ୍ବର ରଖି ସର୍ବୋଚ୍ଚ ସ୍ଥାନ ହାସଲ କରିଛନ୍ତି। ଏହି ଅବସରରେ ଯୁକ୍ତ ୨ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚେୟାରମ୍ୟାନ୍ ସୂର୍ଯ୍ୟକାନ୍ତ ଦାଶ ଶୁଭେଚ୍ଛା ଜଣାଇଛନ୍ତି।

### ଆର.ପି. ଆବାସିକ ବିଜ୍ଞାନ କଲେଜର ସବୁ ଛାତ୍ରୀଛାତ୍ର ପାସ୍

ତିଗିରିଆ,(ଡି.ଏନ.ଏ.): କଟକ ଜିଲା ବଡ଼ମ୍ବା ବ୍ଲକ ବିଧାରପୁରସ୍ଥିତ ଆର.ପି. ଆବାସିକ ବିଜ୍ଞାନ ମହାବିଦ୍ୟାଳୟର ପାସ ହାର ୧୦୦% ହୋଇଥିବା ଅଧ୍ୟକ୍ଷ ଜ୍ଞାନରଞ୍ଜନ ସାହୁ କହିଛନ୍ତି। ଛାତ୍ର ସୌମ୍ୟରଞ୍ଜନ ସାହୁ ୫୬୬ ନମ୍ବର ୯୪.୩୩% ରଖି ଆଠଗଡ ଉପଖଣ୍ଡରେ ଟପ୍ପର ହୋଇଛନ୍ତି। ଉକ୍ତ ଆବାସିକ ବିଜ୍ଞାନ ମହାବିଦ୍ୟାଳୟର ୧୮୭ ଛାତ୍ରୀଛାତ୍ର ଚଳିତ ବର୍ଷ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୮୦ ଜଣ ପ୍ରଥମ, ୭ ଜଣ ଦ୍ୱିତୀୟ ଶ୍ରେଣୀରେ ପାସ ହୋଇ ମହାବିଦ୍ୟାଳୟର ପାସ ହାର ୧୦୦% କରିଛନ୍ତି। ୯୦%ରୁ ଅଧିକ ନମ୍ବର ରଖି ୫ ଜଣ ଛାତ୍ରୀଛାତ୍ର ପାସ ହୋଇଛନ୍ତି।